# ହତ୍ୟା ଅଭିଯୁକ୍ତ ଗିରଫ

ବରଗଡ଼,୨୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୮ ବାନ୍ଧୁଟିକ୍ରା ସୁନାରୀ ଗଳିରେ ଶନିବାର ସଂଘଟିତ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ



ରବିବାର ସ୍ଥାନୀୟ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଗଶୀର ସାହୁ। ତାଙ୍କୁ ବରଗଡ଼ ସହର ଉପକଣ୍ଠ କୁର୍ଲା ଗ୍ରାମରୁ ପୋଲିସ ଗିରଫ କରିଥିଲା। ଏକ ଘରଛାତ ଉପରେ ସେ ଶୋଇଥିବାବେଳେ ପୋଲିସ ସେଠାରୁ ତାଙ୍କୁ ଉଠାଇ ଆଣିଥିଲା। ପ୍ରକାଶଥାଉକି, ଶନିବାର ଗିରଫ ଅଭିଯୁକ୍ତ ମଗଶିର ବାନ୍ଧୁଟିକ୍ରା ସୁନାରୀ ଗଳିର ସୁଶାନ୍ତ ସାହୁଙ୍କୁ ହତ୍ୟା କରିଥିଲେ ଏବଂ ନିଜ ଘର ଖଟିଆ ତଳେ ମୃତଦେହକୁ ଲୁଚାଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଏତଲା ଦେବା ପରେ ପୋଲିସ ତାଙ୍କୁ ଖୋଜାଖୋଜି କରି ଗିରଫ କରିବାରେ ସକ୍ଷମ ହୋଇଛି।

# ଦୁର୍ଗାପୂଜାକୁ ଆହୁରି ଆକର୍ଷଣ କରାଯିବ

ପଦ୍ମପୁର,୨୯।୯(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଦୁର୍ଗାପୂଜା କାର୍ଯ୍ୟାଳୟଠାରେ ଚଳିତ ବର୍ଷ ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ସଭାପତି ପ୍ରତାପ ମିଶ୍ର ବିସ୍ତୃତ ବିବରଣୀ ପ୍ରଦାନ କରି ଚଳିତ ବର୍ଷ ଦୁର୍ଗାପୂଜାକୁ ଆକର୍ଷଣ କରିବା ପାଇଁ ବିଭିନ୍ନ ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ କମିଟିର ସମ୍ପାଦକ ଜୁଗଲ କିଶୋର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଶ୍ୟାମଳ ଦାଶ, ନାରାୟଣ ପୁରୋହିତ, ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନରସିଂହ ପଟ୍ଟନାୟକ, ଅଚ୍ୟୁତାନନ୍ଦ ସେଠ, ଯୁଗେଶ ସାହୁ, ନବ ବରିହା, ଜୟରାମ ମହାପାତ୍ରଙ୍କ ସହିତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ୨୫ ୟୁନିଟ୍ ରକ୍ତ ସଂଗ୍ରହ

ସରଣ୍ଡା,୨୯।୯(ଯୁଧିଷ୍ଠିର ମହାପାତ୍ର)

ଭେଡେନ ବ୍ଲକ ତାଲମେଣ୍ଡା ପଞ୍ଚାୟତର ପାତ୍ରପାଲି -ଦେହେରିପାଲି ସେବାଶ୍ରମ ସ୍କୁଲଠାରେ ମା'ମାହେଶ୍ୱରୀ ସେନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସ୍ଥାନୀୟ ସାମାଜିକ କର୍ମୀ ସତ୍ୟାନନ୍ଦ ପାତ୍ର ଓ ବରଗଡ଼ ରକ୍ତଭଣ୍ଡାରର କାଉନସେଲର ଅମରଜିତ ମହାନ୍ତି ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୨୫ଜଣ ରକ୍ତଦାନ କରିଥିଲେ। ବରଗଡ଼ ରକ୍ତଭଣ୍ଡାରର ଟେକ୍ନିସିଏନଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ମା' ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ, ଆନନ୍ଦ ସେବାଶ୍ରମ, ଅମୃତ କୁସୁମ ଓ ସେବା ଫାଉଣ୍ଡେସନର ସଦସ୍ୟମାନେ ସହଯୋଗ କରିଥିଲେ ।

# ମୃତଦେହ ରଖି ରାସ୍ତାରୋକୋ

ବରଗଡ଼,୨୯।୯(ପ୍ରେମାନନ୍ଦ ଖମାରୀ)



କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗାଇସୀମା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ରବିବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଉକ୍ତ ଗ୍ରାମର ଗୋବିନ୍ଦ ଦେହେରୀ(୪୮)। ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସମ୍ମିଳିତ ହୋଇ ମାଲିପାଲି ମାଇନର ଛକରେ ମୃତଦେହ ରଖି ବରଗଡ଼-ଭେଡ଼େନ ରାସ୍ତା ଅବରୋଧ କରିଥିଲେ। ପୋଲିସ ଏବଂ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ।

ପ୍ରକାଶ ଯେ, ମୃତ ଚାଷୀ ଗୋବିନ୍ଦ ଅନ୍ୟ ଦିନ ଭଳି ରବିବାର କ୍ଷେତକୁ ଯାଇଥିଲେ ଏବଂ କ୍ଷେତ ହିଡ଼ରେ ଘାସ କାଟି ତାକୁ ମୁଣ୍ଡରେ ଧରି ଘରକୁ ଫେରୁଥିଲେ। ଫେରିବା ବାଟରେ ଗାଇସୀମା ମନ୍ଦିରର ଅନତିଦୂରରେ ତଳକୁ ଓହଳିଥିବା ୧୧କେ.ଭି କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସିଥିଲେ। ଫଳରେ ସେଠାରେ ସେ ଟଳି ପଡ଼ିଥିଲେ। ଅନ୍ୟପଟେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର

## ବିଦ୍ୟୁତ୍ ନେଲା ଜୀବନ

ଏବଂ ପଡ଼ୋଶୀ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ଏବଂ ଅପରାହ୍ନ ପ୍ରାୟ ୩ଟା ସମୟରେ ଘଟଣାସ୍ଥଳରେ ମୃତା ଅବସ୍ଥାରେ ତାଙ୍କୁ ପାଇଥିଲେ।

ତେବେ ତଳକୁ ୧୧କେ.ଭି କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଓହଳିଥିବା ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ସେ ଦିଗରେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିଲେ ଏବଂ ବିଦ୍ୟୁତ୍ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଗ୍ରାମର ଜଣେ ଚାଷୀଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ଗ୍ରାମବାସୀ ମୃତଦେହ ଧରି ନିକଟସ୍ଥ ମାଲିପାଲି ମାଇନର ଛକରେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ଚାକିରି ଦାବିରେ ବରଗଡ଼-ଭେଡ଼େନ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ପରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ବିଦ୍ୟୁତ ବିଭାଗର ଅଧିକାରୀମାନେ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ୭ଟାରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

# ରେଙ୍ଗାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି



ରେଙ୍ଗାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ସୁରଭି କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ସରଣ୍ଡା,୨୯।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ରେଙ୍ଗାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ପ୍ରଭା ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ପାହାଡ଼ଶ୍ରୀଗୀଡା ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ସାହୁ, ପାହାଡଶ୍ରୀଗୀଡା ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ପୂର୍ବତନ ସରପଞ୍ଚ ବିଜୟ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜୟଦେ ନାଏକ, ପାହାଡ଼ଶ୍ରୀଗୀଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସେଠ, ପରିଚାଳନା କମିଟି ସଭାପତି ସନ୍ତୋଷ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବିଶାଖା କୁମ୍ଭାର, ଗୋପିକା ଅଂଶୁମାନ, ପ୍ରଧାନ ସେଠ, ମାଧୁରୀ କେରକେଟା, ମନ୍ଦାକିନୀ ଦେହୁରୀ, ମାନଶ କୁମାର ବିଶି, ଉମାଚାରଣ ସେଠ, ଦୀପଞ୍ଜଳି ସେଠୀ, ଦୀପଞ୍ଜଳି ମାଝୀ, ସୀମା ଟପ୍ପୋ, ଲକ୍ଷ୍ମୀପ୍ରସାଦ ବାଗ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଭବାନୀ ଶଙ୍କର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘମିତ୍ରା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃକର୍ମଶାଳା

ପଦ୍ମପୁର,୨୯।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମାତୃ ଭାରତୀର ମା'ଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ପୃଥ୍ୱିରାଜ ସାହୁ ମାର୍ଗ ଦର୍ଶନ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ବିଦ୍ୱତ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୁ ଘରର ସଂକଳ୍ପନା ଓ ରୀତିନୀତି ବିଷୟରେ ଆଲୋକପାତ କରିଥିଲେ। ଗୀତା ଗୁରୁମା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସୁଜାତା ତ୍ରିପାଠୀ ଉଦ୍ଦେଶ୍ୟ କଥନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବାଟିକା ବିଭାଗର ୧୧୦ ଜଣ ମା' ମାନେ ଯୋଗଦେଇ ଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ସାଧାରଣ ସଭା

ବରଗଡ଼,୨୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ହଲରେ ଶନିବାର ଜିଲା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସରକାରୀ ଆଉଟସୋର୍ସିଂ ମହାସଂଘ ତରଫରୁ ସଂଘର ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ଦରମା, ନିରାପତ୍ତା, ଦୈନିକ ମଜୁରୀ ପାଉଥିବା କର୍ମଚାରୀଙ୍କୁ ଆଉଟସୋର୍ସିଂ କର୍ମଚାରୀଙ୍କ ଭଳି ସମାନ ସୁବିଧା ପ୍ରଦାନ, ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ସହିତ ଛଟେଇ ବନ୍ଦ କରିବାକୁ ମହାସଂଘ ଦାବି କରିଛି।

ପୂର୍ବ ରାଜ୍ୟ ସରକାର କର୍ମଚାରୀ ମହାସଂଘକୁ ଖୁବଶୀଘ୍ର ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ଉପରେ ୨୦୨୨ ଜୁଲାଇ ମାସରେ ନିଷେଧାଦେଶ ଜାରି ହୋଇଥିବାବେଳେ ୪ହଜାର କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ଅନ୍ୟପଟେ ସରକାର ମାତ୍ର ୨୫ ପ୍ରତିଶତ ଦରମା ବୃଦ୍ଧି ଘୋଷଣା କରିଥିଲେ। କିନ୍ତୁ ତାହା ମଧ୍ୟ ଏପର୍ଯ୍ୟନ୍ତ କର୍ମଚାରୀଙ୍କୁ ମିଳିପାରିଲା ନାହିଁ ବୋଲି ସଂଘର କାର୍ଯ୍ୟକର୍ତ୍ତା ଅଭିଯୋଗ କରିଛନ୍ତି। ଅତୀତରେ ୮୯ଦିନ କାମ କରି ଗୋଟିଏ ଆଦେଶରେ ଗ୍ରୁପ-ସି ଓ ଡି କର୍ମଚାରୀମାନେ ସ୍ଥାୟୀ ହୋଇଥିଲେ। ମହାସଂଘର କର୍ମକର୍ତ୍ତାମାନେ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସମସ୍ତ ବର୍ଗର କର୍ମଚାରୀଙ୍କୁ ସମାନ ସୁବିଧା ପ୍ରଦାନ କରିବା ଦାବି କରିଛନ୍ତି। ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଜିଲା ମହାସଂଘର ଉପଦେଷ୍ଟା ସୁରେଶ୍ୱର ଶତପଥୀ, ରାଜ୍ୟ ମହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ରାଜ୍ୟ ସଭାପତି ସଞ୍ଜୟ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ସଭାପତି ରାକେଶ ଶତପଥୀ ସଭା ପରିଚାଳନା କରିଥିବାବେଳେ ଜିଲା ସମ୍ପାଦକ ଉମେଶ ଡୁଙ୍ଗୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ



କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

ସରଣ୍ଡା,୨୯।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ କୋଶଲ ଅବସରପ୍ରାପ୍ତ ସୈନିକ ସଂଘର ନୂଆଁଖାଇ ଭେଟଘାଟ ଲାଦରପାଲି ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅବସରପ୍ରାପ୍ତ ମେଜର କୈଳାଶ ଚନ୍ଦ୍ର ଚାନ୍ଦଙ୍କ ଦ୍ୱାରା ଭାରତମାତା ଏବଂ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସଙ୍ଗଠନର ସଭାପତି ଅରୁଣ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି, ଜନକଲ୍ୟାଣ କୁଲତା ସମାଜର ସଭାପତି ଦିବାକର ପ୍ରଧାନ, ସମ୍ବଲପୁର ଷ୍ଟେଶନ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଏଡିମ କମାଣ୍ଡେଣ୍ଟ ଦେବୀପ୍ରସାଦ ସାହୁ, ଅବସରପ୍ରାପ୍ତ କର୍ଣ୍ଣେଲ ନରେଶ କୁମାର ଗୁପ୍ତା, ଲରମ୍ଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ,ବରଗଡ଼ ଧନୁଯାତ୍ରା କମିଟିର ସମ୍ପାଦକ ସୁରେଶର ଶତପଥି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାମାନେ ନୂଆଁଖାଇ ତିହାର ଉପରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ନିରଞ୍ଜନ ପସାୟତଙ୍କ ସଂଯୋଜନାରେ ଲସ୍ତଲା ସୂରଜମୁଖି ଡେନ୍ସଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃଷକ ସଙ୍ଗଠନ, ଫଟୋଗ୍ରାଫ ସଙ୍ଗଠନ, ବରଗଡ଼ ଓ ସମ୍ବଲପୁର ଅବସରପ୍ରାପ୍ତ ସୈନିକ ସଂଘ, ଡ଼ା.ପଲଉ ପ୍ରଧାନ ଏବଂ ଖବରଦାତା କୀର୍ତ୍ତନ ବିଶ୍ୱାଳଙ୍କୁ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। ଶେଷରେ ସମ୍ପାଦକ ଲଳିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ନୂଆଁଖାଇ ଜୁହାର ଭେଟ୍

ପାଇକମାଲ,୨୯।୯(ବଡ ଶତପଥି)

ବରଗଡ଼ ଜିଲା ପାଇକମାଲ ବ୍ଲକ ରାଜଗୋଁଣ୍ଡ ସମାଜ ଆୟୋଜକ ସମିତି ପକ୍ଷରୁ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ମାଣ୍ଡୋସିଲ ଧାନମଣ୍ଡି ପରିସରରେ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମ୍ୟ ଦେବାଦେବୀଙ୍କ ପୂଜାର୍ଚ୍ଚନା ପରେ ନଗର ପରିକ୍ରମା କରି ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସଭାପତି ଜଗନ୍ନାଥ ପୁଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ନୂଆପଡା ଗୋଁଣ୍ଡୱାନା ସେବାସଂଘ ଟ୍ରଷ୍ଟର ସଭାପତି ବଜରଙ୍ଗ ମାଝୀ, ମୁଖ୍ୟ ବକ୍ତା ଲୋଇସିଂହା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ.ଜଳଧର ମାଝୀ, ସମ୍ମାନୀତ ଅତିଥି ଗୋଁଣ୍ଡ ସମାଜ ସଭାପତି ରମାକାନ୍ତୀ ସୋରୀ, ମଝିଆ ମାଝୀ, ଲାଲ ସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସର୍କଲରୁ ଆସିଥିବା ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ, ସମାଜର ଚପରାସୀ, ନୂତନ ଭାବେ ବିଭିନ୍ନ ବିଭାଗରେ ଚାକିରୀ ପାଇଥିବା ଛାତ୍ରୀଛାତ୍ର ଓ ମାଟ୍ରିକ ଓ ଯୁକ୍ତ ୨ରେ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। କ୍ଷିତରାଜ ଗର୍ଏଁତା ଓ ସହଦେବ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ପଦ୍ମପୁର ଉପଖଣ୍ଡ ୬ଟି ସର୍କଲ ସମେତ ବଲାଙ୍ଗୀର ଓ ନୂଆପଡା ଜିଲ୍ଲାରୁ ୩ ହଜାରରୁ ଉର୍ଦ୍ଧ୍ୱ ଗୋଁଣ୍ଡ ସମାଜର କର୍ମକର୍ତ୍ତା, ପୁରୁଷ, ମହିଳା ଓ ଯୁବକମାନେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରୂପାଧର ନାଏକ, ଗୋବିନ୍ଦ ମାଝୀ,ବାସବ ମାଝୀ,ରାଏସିଂ ମାଝୀ ,ବିକ୍ରମ ପୁଝାରୀ, ସନ୍ତୋଷ ପୁଝାରୀ, ସୁବାସ ମାଝୀ, ଭଗବାନ ମାଝୀ, କ୍ଷିରୋଦ ମାଝୀ, ଗୌରାଙ୍ଗ ନାଏକ, ବେଦବ୍ୟାସ ପୁଟା, ପ୍ରବୀଣ ନାଏକ,ଭୂମେନ୍ଦ୍ର ପୁଟା,ରୁବି ମାଝୀ,ଟିକି ନାଏକ,ଲିଲିମା ଗଏଁତା ସମେତ ବହୁ ସମାଜ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଶେଷରେ ସହଦେବ ମାଝୀ ଧନ୍ୟବାଦ ଦେଇଥିଲେ।



ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ।

# ସାରଗାଡ଼ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଲୋଇସିଂହା,୨୯।୯(ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକ ସାରଗାଡ଼ ଗ୍ରାମର ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ସେଠ,ସମ୍ପାଦକ ନାରାୟଣ ବାରିକ, ନରସିଂହ ସାହୁ, ବିମଳ ବାରିକ, ଯୋଗେଶ୍ୱର ସାହୁଙ୍କ ନେତୃତ୍ୱରେ ଗ୍ରାମର ଯୁବଗୋଷ୍ଠୀଙ୍କୁ ନେଇ ବିଭିନ୍ନ ଅଞ୍ଚଳ ସଫେଇ କରାଯାଇଥିଲା।

# ଚାଷୀନେତାଙ୍କ ପ୍ରତି ପୋଲିସର ଆଚରଣକୁ ନିନ୍ଦା

ପଦ୍ମପୁର,୨୯।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁରଠାରେ ରାଜବୋରାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୨୮ରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ନାମରେ ଜଣେ ଅଭ୍ୟାସଗତ ଅପରାଧୀ ଓ ଅସାମାଜିକ ବ୍ୟକ୍ତି ନିଜକୁ ଚାଷୀ ନେତା କହି ନିରୀହ ଚାଷୀଙ୍କ ଠାରୁ ଚାନ୍ଦା ଅସୁଲ କରୁଛନ୍ତି। ଲୋକଙ୍କୁ ବିଜୁଳି ବିଲ ନ ଦେବାକୁ ପ୍ରୋତ୍ସାହିତ କରି ମିଟର ଗୁଡିକ ଖୋଲି ଦେବା ପାଇଁ ଉସୁକାଉଛନ୍ତି। ବିଭିନ୍ନ ସରକାରୀ ଯୋଜନା ଗୁଡିକୁ ଲାଗୁ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଏପରି ଭିତ୍ତିହୀନ ମିଥ୍ୟା ତଥା କପୋଳକଳ୍ପିତ ଅଭିଯୋଗ କରି ବରଗଡ଼ ଟାଉନ ପୋଲିସ ମହାପାତ୍ରଙ୍କ ନାମରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୨୯ କ୍ରମେ ଏକ ବର୍ଷ ପାଇଁ ତାଙ୍କର ଗତିବିଧିକୁ ନିୟନ୍ତ୍ରଣ କରିବା ପାଇଁ ବରଗଡ ଉପଜିଲାପାଳଙ୍କ ଅଦାଲତରେ ଆବେଦନ କରିଛନ୍ତି। ରାଜବୋରାସମ୍ବର କୃଷକ ସଙ୍ଗଠନ ପୋଲିସର ଏପରି କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଛି। ଯଦି ଚାଷୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ସାଧାରଣ ଜନତାଙ୍କ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କଲେ ସରକାର ଏବଂ ପ୍ରଶାସନର ଆକ୍ରୋଶର ଶିକାର ହେବାକୁ ପଡିବ, ତାହେଲେ ଏହି କ୍ରମରେ ଭାରତର ସମଗ୍ର ଚାଷୀ ଜଣେ ଜଣେ ରାଷ୍ଟ୍ରବିରୋଧୀ ଆଖ୍ୟା ପାଇବେ ବୋଲି କହିଥିଲେ। ବରଗଡ଼ ପୋଲିସ ପ୍ରଶାସନର ଏତାଦୃଶ କାର୍ଯ୍ୟକଳାପକୁ ଆମେ ଦୃଢ଼ ନିନ୍ଦା କରିବା ସହିତ ଏପରି କାର୍ଯ୍ୟରୁ ନିବୃତ୍ତ ରହିବାକୁ ରାଜବୋରାସମ୍ବର କୃଷକ ସଙ୍ଗଠନ ଦୃଢ଼ ଦାବି କରୁଛି। ଉକ୍ତ ସଭାରେ ରୋହିତ ପଧାନ, ଅଜିତ ଶତପଥୀ, ଉଦେକର ବେହେରା, ବିଜୟ ସାହୁ, ଅମୃତଲାଲ ସାହୁ, ସୁବାଷ ସାମନ୍ତରାୟ, କାହ୍ନୁ ମେହେର ଏବଂ ସମସ୍ତ ବ୍ଲକର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଅଭ୍ୟାସଗତ ଅପରାଧୀ ଭାବେ ଚାଷୀନେତାଙ୍କୁ ନୋଟିସ

- ଦୃଢ଼ ନିନ୍ଦା କଲା ସଂଯୁକ୍ତ କୃଷକ ସଙ୍ଗଠନ
- ଆନ୍ଦୋଳନକୁ ଓହ୍ଲାଇବାକୁ ଚାଷୀଙ୍କ ସଜବାଜ

ବରଗଡ଼,୨୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ତଥା ଚାଷୀନେତା ରମେଶ ମହାପାତ୍ରଙ୍କୁ ବରଗଡ଼ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ପକ୍ଷରୁ ନୋଟିସ ଜାରିକରାଯାଇଛି। ଏହିନୋଟିସ୍‌ରେ ଆସନ୍ତା ଅକ୍ଟୋବର ୧ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ହାଜର ହେବାକୁ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଏକବର୍ଷ ପାଇଁ ସ୍ଥାନୀୟ ଅଞ୍ଚଳରେ ଭଲ ବ୍ୟବହାର ପାଇଁ କାହିଁକି ୨ସ୍ଥାନୀୟ ଜାମିନଦାର (ଜଣେ ସରକାରୀ କର୍ମଚାରୀ)ଙ୍କ ସହିତ ଚୁକ୍ତିନାମା(ବଣ୍ଡ) ଦାଖଲ କରା ନ ଯିବ, ସେ ନେଇ କାରଣ ଦର୍ଶାଇବାକୁ ନୋଟିସ୍‌ରେ ଦର୍ଶାଯାଇଛି। ବରଗଡ଼ ଟାଉନ ଥାନାରେ ଦଫା ୧୨୯ ବିଏନଏସଏସ୍‌ରେ ରୁଜୁ ହୋଇଥିବା ସିଆରଏଲ. ମିସ୍ କେଶ୍ ନଂ-୪୮୪/୨୦୨୪) ଅନୁଯାୟୀ ଚାଷୀନେତା ମହାପାତ୍ରଙ୍କୁ ଏଭଳି ଆଦେଶ ଦିଆଯାଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି।

କେବଳ ସେତିକି ନୁହେଁ, ମହାପାତ୍ର ନିଜକୁ ଜଣେ ଚାଷୀନେତା ବୋଲି ପରିଚୟ ଦେବା ସହିତ ଚାଷୀଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ଏବଂ ଲୋକଙ୍କୁ ବିଦ୍ୟୁତ୍ ବିଲ୍ ନ ଦେବାକୁ ପ୍ରବର୍ତ୍ତାଇବା ସହିତ ବିଦ୍ୟୁତ୍ ବିତରଣ କମ୍ପାନୀ ଏବଂ ସରକାରଙ୍କ ବ୍ୟାପକ କ୍ଷତି କରୁଥିବା ନୋଟିସରେ ଦର୍ଶାଯାଇଛି। ଚାଷୀନେତା ମହାପାତ୍ରଙ୍କ ଚରିତ୍ର ପ୍ରତି ପୋଲିସ ଏବଂ ପ୍ରଶାସନର ଏଭଳି ଆଚରଣ, ଆଭିମୁଖ୍ୟକୁ ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ, ପଦ୍ମପୁରର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ସମେତ ବିଭିନ୍ନ ଚାଷୀ ସଙ୍ଗଠନ ଦୃଢ଼ ନିନ୍ଦା କରିଛନ୍ତି। ଅନ୍ୟପଟେ ଏ ନେଇ ଟାଉନ ଥାନା ଅଧିକାରୀ ସତ୍ୟଜିତ୍ କଣ୍ଡାନକେଲଙ୍କୁ ପଚାରିବାରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନୋଟିସ୍ କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ଚାଷୀନେତା



ରମେଶ ମହାପାତ୍ର

ମହାପାତ୍ର କହିଛନ୍ତି, ପୋଲିସ କର୍ମଚାରୀ ତାଙ୍କୁ ଅପରାହ୍ନ ପ୍ରାୟ୧ଟାରେ ଗୋଟିଏ ନୋଟିସ୍ ଦେଇଥିଲେ। ସେଥିରେ ଆସନ୍ତା ଅକ୍ଟୋବର ୧ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସନ୍ଧ୍ୟାରେ ପୁଣି ସେଭଳି ଏକ ନୋଟିସ୍ ତାଙ୍କୁ ପୋଲିସ କର୍ମଚାରୀ ଦେଇଛନ୍ତି, ଯେଉଁଥିରେ ଆସନ୍ତା ୩୦ତାରିଖ ଅର୍ଥାତ୍ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ଫଳରେ ସେ ୩୦ କିମ୍ବା ୧ତାରିଖରେ ହାଜର ହୋଇ ନିଜର ପକ୍ଷ ନିଶ୍ଚୟ ରଖିବେ ବୋଲି ମହାପାତ୍ର କହିଛନ୍ତି। ସେହିପରି ଚାଷୀ, ଭୂମିହୀନ, ନିଷ୍ପେସିତ ଲୋକଙ୍କ ହକ୍ ପାଇଁ ଯଦି ଲଢ଼େଇ କରିବା ଅପରାଧ, ତେବେ ଲୋକଙ୍କ ମୌଳିକ ଅଧିକାର ଆଉ କେଉଁଠି ରହିଲା ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି।

ନୋଟିସରେ ଜିଲାରେ ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ ଚାଲିଥିବା ଆନ୍ଦୋଳନରେ ଚାଷୀନେତା ମହାପାତ୍ରଙ୍କୁ ଦାୟୀ କରାଯାଇଛି। ସେ ସରକାରଙ୍କ ନାମରେ ମାସିକ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍‌ର ମିଛକଥା ଉଠାଇ ବିଦ୍ୟୁତ୍ ବିଲ୍ ନ ନେବାକୁ ଲୋକଙ୍କୁ ପ୍ରବର୍ତ୍ତାଉଥିବା ଏବଂ ତାଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଉଥିବା ଉଲ୍ଲେଖ ରହିଛି। ତାଙ୍କ ପ୍ରରୋଚନାରେ ଜିଲାର ଭଟଲି, ବରପାଲି, ସୋହେଲା ଆଦି ଅଞ୍ଚଳରେ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ୫ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ମିଟର ଭାଙ୍ଗି ବିଦ୍ୟୁତ ବିତରଣ କମ୍ପାନୀ ଏବଂ ସରକାରଙ୍କ କ୍ଷତି ହୋଇଛି ବୋଲି ନୋଟିସ୍‌ରେ ଦର୍ଶାଯାଇଛି। ଏହା ସହିତ ମହାପାତ୍ରଙ୍କ ବିରୋଧରେ ବିଭିନ୍ନ ଥାନାରେ ରହିଥିବା ୨୬ଟି ମାମଲାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ସେହି ମାମଲା ଗୁଡ଼ିକୁ ନେଇ ମହାପାତ୍ର କହିଛନ୍ତି, ତାଙ୍କ ବିରୋଧରେ ଯେଉଁସବୁ ମାମଲା ରହିଛି, ଲୋକଙ୍କ ହକ୍ ପାଇଁ ଗଣତାନ୍ତ୍ରିକ ଉପାୟରେ ଲଢୁଥିବାବେଳେ ପୋଲିସ ସେହି ମାମଲା ରୁଜୁ କରିଛି। ସବୁ ମାମଲାରେ ତାଙ୍କୁ ଜାମିନ ମିଳିସାରିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଜାରିଙ୍ଗ ନର୍ସରୀରେ ସିସିଏଫ୍‌ଙ୍କ ତଦନ୍ତ
#### ଫରେଷ୍ଟରଙ୍କ ଆତ୍ମହତ୍ୟା ଘଟଣା

ଭବାନୀପାଟଣା,୨୯।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ସିଲଭି କଲଚର ଅଧୀନ ହାଇଟେକ ନର୍ସରୀ ଫରେଷ୍ଟର ସଞ୍ଜୟ ନାୟକ (୩୩) ଆତ୍ମହତ୍ୟା ଘଟଣାରେ ସ୍ଥାନୀୟ ଡିଏଫ୍‌ଓଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ କରିଛି ବନ ବିଭାଗ। ମାମଲାର ତଦନ୍ତ ଦାୟିତ୍ୱ ଜଣେ ସିସିଏଫ ର୍‍ୟାଙ୍କ ଅଧିକାରୀଙ୍କୁ ଦିଆଯାଇଛି। ଏ ନେଇ ଗତ ୨୩ ତାରିଖ ସୂଚନା ଦେଇଥିଲେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ। ଏହାର ୬ଦିନ ପରେ ରବିବାର ତଦନ୍ତ ଦାୟିତ୍ୱରେ ଥିବା ସିସିଏଫ୍ ଜାରିଙ୍ଗ ହାଇଟେକ ନର୍ସରୀକୁ ତଦନ୍ତ କରିବାକୁ ଆସିଥିଲେ। ଏହି ସମୟରେ ସେ ସ୍ଥାନୀୟ ଗାର୍ଡ, ଫରେଷ୍ଟରଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିବା ଜଣାପଡିଛି।

### ଗିରି ଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,୨୯।୯ (ମକାରୁ ବେମାଲ)

ନୂଆପଡା ଜିଲା କୋମନା କଲ୍ୟାଣ ମଣ୍ଡପରେ ରବିବାର ଗିରି ଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। କମିଟି ସଭାପତି କୈଳାଶ ଚନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶତାଧିକ ଯାଦବ ଏକତ୍ରିତ ହୋଇ ଶ୍ରୀକୃଷ୍ଣଙ୍କୁ ପୂଜା କରିଥିଲେ। ପୂଜା କିପରି ଭାବରେ ଅଧିକ ଆକର୍ଷଣୀୟ ହେବ, ସେନେଇ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷ ମନୋଜ ଅଦା ସଭା ପରିଚାଳନା, ସମ୍ପାଦକ ମୁକୁନ୍ଦ ନିଗୁନିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ବୋଡ଼େନ,୨୯।୯(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ବ୍ଲକ ବିନପୁର ଖେଳପଡିଆଠାରେ ମା'ଧରଣୀ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ବୋଡେନ ଓ ବିନପୁର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ୨-୦ ଗୋଲରେ ବୋଡ଼େନ ଦଳ ବିଜୟୀ ହୋଇଛି। ଆଇନଜୀବି ଯୋଗେନ୍ଦ୍ର ନାଥ ମାଝୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅତିନ୍ଦ୍ରଜିତ ସି, ବୋଡେନ ସରପଞ୍ଚ ରଶ୍ମିତା ସିହ୍ନା, ସୁନାପୁର ସରପଞ୍ଚ ମୁକ୍ତା ରାଉତ, ବୋଡେନ ଥାନା ଅଧିକାରୀ ଗୋବିନ୍ଦ ମାଝୀ, ସମାଜସେବୀ ଜବାର ମହମ୍ମଦ, ବେଣୁଧର ଜଗତ, ଟିକଚନ ନିଆଲ, ପର୍ଶୁରାମ ନିଆଲ, ପୁତ୍ତମ ନାଗ, କଲକଲି ରାମ ଜଗତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଗଗନ ବିହାରୀ ପରାଭୋଏ। ଦେବାଶିଷ ଯୋଷୀ ପରିଚାଳନା କରିଥିଲେ।

# ରାତ୍ରି ଭୋଜନ ଲାଗି ଅଧା କିମି ଚାଲିଚାଲି ଯାଉଛନ୍ତି ଛାତ୍ରୀଛାତ୍ର

- ହଷ୍ଟେଲରେ ରନ୍ଧାଯାଉ ନ ଥିବାରୁ ପିଲାମାନେ ବିଦ୍ୟାଳୟକୁ ଖାଇବାକୁ ଯାଉଛନ୍ତି
- ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟାର ସମ୍ମୁଖୀନ

ନୂଆପଡ଼ା,୨୯।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାମକେଡା ଗାଁଠାରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ହଷ୍ଟେଲରେ ରନ୍ଧାଯାଉ ନ ଥିବାରୁ ରାତ୍ରି ଭୋଜନ ଲାଗି ଅଧା କିମି ଚାଲିଚାଲି ଯାଉଛନ୍ତି ହଷ୍ଟେଲ ଛାତ୍ରୀଛାତ୍ର। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଆଶ୍ରମ ବିଦ୍ୟାଳୟରେ ସାଢେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସବୁ ଛାତ୍ରୀଛାତ୍ର ହଷ୍ଟେଲରେ ରହୁଛନ୍ତି। ବିଦ୍ୟାଳୟ ଓ ହଷ୍ଟେଲ ଅଲଗା ଅଲଗା ରହିଛି। ଦିନବେଳା ପିଲାମାନେ ବିଦ୍ୟାଳୟରେ ପଢି ମଧ୍ୟାହ୍ନଭୋଜନ ବିଦ୍ୟାଳୟରେ ଖାଉଛନ୍ତି। ବିଦ୍ୟାଳୟ ଛୁଟି ପରେ ହଷ୍ଟେଲ ଯାଉଛନ୍ତି। ହଷ୍ଟେଲରୁ ପୁଣି


କାମକେଡା ଆଶ୍ରମ ବିଦ୍ୟାଳୟ ହଷ୍ଟେଲ।

ରାତି ସମୟରେ ଅଧା କିଲୋମିଟରରୁ ଊର୍ଦ୍ଧ୍ୱ ଚାଲିଚାଲି ବିଦ୍ୟାଳୟକୁ ଖାଇବା ପାଇଁ ଆସୁଛନ୍ତି। ରାତିରେ ହଷ୍ଟେଲରେ ରନ୍ଧା ଯିବାର ନିୟମ ଥିଲେ ମଧ୍ୟ ରନ୍ଧା ଯାଉ ନ ଥିବାରୁ ପିଲାମାନେ ବିପଦସଙ୍କୁଳ ରାସ୍ତାରେ ବିଦ୍ୟାଳୟକୁ ଖାଇବାକୁ ଯାଉଛନ୍ତି। ଗତ କିଛି ଦିନ ହେବ ଜିଲାରେ ଲଘୁଚାପଜନିତ ଲଗାଣବର୍ଷା ଲାଗି ରହିଛି। ସେହି ବର୍ଷାରେ ଅନ୍ଧାର କିଟିକିଟି ରାତ୍ରିରେ ପିଲା ବିଦ୍ୟାଳୟକୁ ଖାଇବା ପାଇଁ ଆସୁଛନ୍ତି। ପୁଣି ଗାଁ ଚତୁଃପାର୍ଶ୍ୱରେ ଜଙ୍ଗଲ ଲାଗି ରହିଛି। ହଷ୍ଟେଲକୁ ଲାଗି ଚାନ୍ଦେଲ ପାହାଡ଼ ରହିଛି। ସେହି ପାହାଡରେ କଲରାପତରିଆ ବାଘ, ଭାଲୁ ଭଳି ହିଂସ୍ରଜନ୍ତୁ ଚରାବୁଲା କରୁଥିବା ଲୋକେ ଦେଖିଛନ୍ତି। ଫଳରେ ରାସ୍ତାରେ ଯିବା ଜୀବନ ପ୍ରତି ବିପଦ ରହିଛି। ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ଖେଳ ଖେଳୁଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଦିନ ସମୟରେ ବିଦ୍ୟାଳୟରେ ରୋଷେଇ କରିବା ଓ ରାତ୍ରି ସମୟରେ ହଷ୍ଟେଲରେ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ଦେବା ନିୟମ ରହିଥିଲେ ମଧ୍ୟ ତାହା କରାଯାଉନାହିଁ। ଅଯଥାରେ କୁନି ପିଲାମାନଙ୍କୁ ଯାତାୟାତ କରି ହଇରାଣ କରାଯାଉଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଏଯାଏ ବ୍ରସ, ଟୁଥପେଷ୍ଟ ଆଦୌ ଦିଆଯାଇନାହିଁ। ଦେହ ଲଗା ତେଲ, ଶାବୁନ, ସରଫ୍ ନିୟମିତ ଦିଆଯାଉନାହିଁ। ପ୍ରତି ସପ୍ତାହରେ ଥରେ ଦେବାର କଥା। ହେଲେ ୧ ରୁ ୨ ମାସ ମଧ୍ୟରେ ଥରେ ଦିଆଯାଉଛି। ବିଦ୍ୟାଳୟରେ ମେନୁ ଅନୁସାରେ ଖାଇବା ପାଇଁ ଦିଆଯାଉନାହିଁ। କେବଳ ଡାଲି, ଡାଲମା, ଆଳୁ, ସୋୟାବିନ ବଡିରେ ସୀମିତ ରହିଯାଉଛି। ଏହି ବିଷୟରେ ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କୁ ପୂର୍ବରୁ ପଚାରି ବୁଝିଥିଲୁ। ଗୋଟିଏ ସପ୍ତାହ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ ଆଜକୁ ଗୋଟିଏ ମାସ ବିତି ଯାଇଥିଲେ ମଧ୍ୟ ଯଥା ପୂର୍ବଂ ତଥା ପରଂ। ଏ ସଂକ୍ରାନ୍ତରେ କୋମନା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ମାଝିଙ୍କୁ ପଚାରିବାରୁ ଏହି ସବୁ ବିଷୟ ଉପରେ ଆମ ପାଖକୁ ଖବର ଆସିଛି। ବିଦ୍ୟାଳୟ ଓ ହଷ୍ଟେଲ ଅଲଗା ରହିଛି। ହଷ୍ଟେଲ ପାଖରେ ସବୁ ଘରୋଇ ଜମି ରହିଛି। ଅଳିଆ ଆବର୍ଜନା ଫିଙ୍ଗିବା ପାଇଁ ସ୍ଥାନ ନାହିଁ। ଟ୍ରଲି ଗାଡି ଦୁଇଟା ବ୍ୟବସ୍ଥା କରୁଛୁ। ସେହି ଗାଡି ମାଧ୍ୟମରେ ରାତ୍ରିବେଳା ଖାଇବା ଆଣି ଛାତ୍ରୀଛାତ୍ରଙ୍କୁ ଦେବୁ ଓ ଅଳିଆ ଆବର୍ଜନା ଫିଙ୍ଗିବା ପାଇଁ ଡଷ୍ଟବିନ ବ୍ୟବସ୍ଥା କରିବୁ ବୋଲି କହିଥିଲେ।

## ଗାଁ ନିକଟରେ ଭାଲୁ, ଅଞ୍ଚଳବାସୀ ଆତଙ୍କିତ

କୋକସରା,୨୯।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)


ଭାଲୁ ମକା ଖାଉଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅଧିନରେ ଥିବା ଆମପାଣି ଫରେଷ୍ଟ ସେକ୍ସନ ପାତ୍ରବସା ଗ୍ରାମ ଅଞ୍ଚଳରେ ଏକ ଗୋଠ ଛଡା ଭାଲୁ କିଛି ଦିନ ହେବ ବୁଲାବୁଲି କରୁଥିବାରୁ ଲୋକେ ଭୟଭୀତ ହେଉଥିବା ଦେଖିବାକୁ ମିଳୁଛି। ଘଟଣାକୁ ନେଇ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀଶଙ୍କର କାଉରଙ୍କ ସହ ଆମପାଣି ବନ ବିଭାଗ ଏବଂ ବେହେରା ବନ ବିଭାଗ କର୍ମଚାରୀ ଭାଲୁ ବିଚରଣ କରୁଥିବା ଜଙ୍ଗଲ ଅଞ୍ଚଳରେ ପହଞ୍ଚି ଭାଲୁ ଉପରେ ନଜର ରଖିବା ସହିତ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସଚେତନ କରୁଥିବା ଦେଖିବାକୁ ମିଳିଛି। ଭାଲୁ କେତେବେଳେ ଗାଁରେ ପଶି ଯାଉଛି ତ କେତେବେଳେ ରାସ୍ତା ଉପରେ ଚାଲି ଆସୁଛି। ଏହି ଅଞ୍ଚଳରେ ମକାଚାଷ ହୋଇଥିବାରୁ ମକାବାଡ଼ିରେ ଭାଲୁ ମକା ଖାଇବା ପାଇଁ ରହିଥିବା ଜଣାପଡିଛି। ଯାହାକୁ ନେଇ ଲୋକେ ଭୟଭୀତ ହେଉଥିବାବେଳେ ଛାତ୍ରୀଛାତ୍ରଙ୍କୁ ଅଭିଭାବକ ସ୍କୁଲ ଛାଡୁ ନାହାଁନ୍ତି। ଏନେଇ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ କାଉରଙ୍କ ପ୍ରତିକ୍ରିୟା ନେବାରୁ ଆମେ ଭାଲୁର ଗତିପଥ ଉପରେ ନଜର ରଖିବା ସହ ଭାଲୁ ଚଲାପଥରେ ନ ଯିବାକୁ ଲୋକଙ୍କୁ ବାରଣ କରିବା ସହ ରାତିରେ ଘରୁ ବାହାରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ସଚେତନ କରୁଛୁ। ଭାଲୁ କେମିତି ଶୀଘ୍ର ଜଙ୍ଗଲ ମୁହାଁ ହେବ ତାହାରି ଉପରେ ନଜର ରହିଛି ବୋଲି କହିଛନ୍ତି।

## ଭବାନୀଶଙ୍କର ମନ୍ଦିରରେ ପହଞ୍ଚିଲା ଶ୍ରୀକ୍ଷେତ୍ରର ୩ରଥର ଚକ

ଭବାନୀପାଟଣା,୨୯।୯ (ଉତ୍ତମ କୁମାର ଦାଶ)

ଶ୍ରୀକ୍ଷେତ୍ର ପୁରୀରୁ ତିନୋଟି ରଥର ତିନୋଟି ଚକ ଶନିବାର ସନ୍ଧ୍ୟାରେ ଭବାନୀପାଟଣାରେ ପହଞ୍ଚିଛି। ସହରର ପ୍ରବେଶ ଦ୍ୱାରରୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକକୁ ତିନୋଟି ସୁସଜ୍ଜିତ ଯାନରେ ରଖି ଶ୍ରଦ୍ଧାଳୁମାନେ ଧୂପ ଦୀପରେ ବନ୍ଦାପନା କରି ସ୍ୱାଗତ କରିଥିଲେ। ସଂକୀର୍ତ୍ତନ, ଘଣ୍ଟ ଘଣ୍ଟା ଓ ମାଦଳର ତାଳେ ତାଳେ ଶୋଭାଯାତ୍ରାରେ ତିନୋଟି ରଥର ୩ଚକକୁ ସହର ପରିକ୍ରମା କରାଯାଇ ଭବାନୀଶଙ୍କର ମନ୍ଦିରକୁ ଅଣାଯାଇଥିଲା। ମନ୍ଦିରର ଦ୍ୱାର ଦେଶରେ ରଥ ଚକକୁ ବନ୍ଦାପନା କରି ମନ୍ଦିର ପରିସରକୁ ନିଆଯାଇଥିଲା। ରୀତିନୀତି ସହିତ ତିନୋଟି ରଥ ଚକକୁ ପୂଜାର୍ଚ୍ଚନା କରି ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ଭବାନୀଶଙ୍କର ମନ୍ଦିର ପୂଜକ ମନୋଜ କୁମାର ମୁନିଙ୍କ ତତ୍ତ୍ୱାବଧାନରେ ଶ୍ରୀକ୍ଷେତ୍ର ପୁରୀରୁ ଚଳିତବର୍ଷ ରଥ ଯାତ୍ରାର ତିନୋଟି ରଥର ତିନୋଟି ଚକ ଶ୍ରୀମନ୍ଦିର ପ୍ରଶାସନ ଠାରୁ ନିଲାମ ପ୍ରକ୍ରିୟାରେ ଆଣିବା ପାଇଁ ଭବାନୀପାଟଣାର ଭବାନୀଶଙ୍କର ମନ୍ଦିର


ଭବାନୀପାଟଣାରେ ରଥଚକ ପହଞ୍ଚିଛି।

ପକ୍ଷରୁ ଆବେଦନ କରାଯାଇଥିଲା। ହରି-ହର ଏକ ଆତ୍ମା ଭିନ୍ନ କଳେବର। ଜଗନ୍ନାଥ ଜଗତର ନାଥ, ଓଡ଼ିଆମାନଙ୍କ ଆରାଧ୍ୟ ଦେବତା। ଯେଉଁ ରଥରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ବିଜେକରି ରଥଯାତ୍ରା କରିଥିଲେ, ସେହି ରଥର ଚକ ଅତ୍ୟନ୍ତ ପବିତ୍ର ଓ ଏହି ତିନି ଠାକୁରଙ୍କ ପ୍ରତୀକ ସଦୃଶ। ତେଣୁ ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ୩ଟି ରଥର ଚକ ଭବାନୀପାଟଣା ଭବାନୀ ଶଙ୍କର ମନ୍ଦିରରେ ବିଧିବିଧାନ ପୂର୍ବକ ସ୍ଥାପନ କରାଯିବ। ଶ୍ରଦ୍ଧାଳୁମାନେ ମନ୍ଦିରରେ ୩ ଠାକୁରଙ୍କ ରଥର ଚକ ଦର୍ଶନ କରିବା ସୁଯୋଗ ପାଇବେ ବୋଲି ଭବାନୀଶଙ୍କର ମନ୍ଦିର ପକ୍ଷରୁ କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଗୋଟିଏ ଚକ ଭବାନୀପାଟଣା ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଣାଯାଇ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଛି।

## ବିଶ୍ୱନାଥପୁର-ବିଜେପୁର ରାସ୍ତାରେ ଫସିଲା ଟ୍ରେଲର: ଯାତାୟାତ ବାଧାପ୍ରାପ୍ତ

ଲାଞ୍ଜିଗଡ଼,୨୯।୯(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ମୂଷାନାଳକୁ ସଂଯୋଗ କରୁଥିବା ରାସ୍ତା କାର୍ଜି ମାଝୀ ଛକ ନିକଟରେ ଏକ ମାଲବାହୀ ଟ୍ରେଲର ରାସ୍ତାରେ ଦବିଯାଇ ଅଟକିଛି। ଫଳରେ ରାସ୍ତାରେ ଯିବାଆସିବା ବାଧାପ୍ରାପ୍ତ ହୋଇଛି। ସୂଚନାନୁସାରେ ଟ୍ରେଲରଟି ବିଶାଖାପାଟଣାରୁ ଛତିଶଗଡ଼ ରାଜ୍ୟ ରାୟଘରକୁ ଯାଉଥିଲା। ଏହା ଭୁଲ ରାସ୍ତାରେ କଲ୍ୟାଣିସିଂପୁର, ବିଜେପୁର, ମୂଷାନାଳ ଦେଇ ଆସୁଥିବାବେଳେ ବିଶ୍ୱନାଥପୁର ନିକଟରେ ସଙ୍କୁଚିତ ରାସ୍ତା ଯୋଗୁ ଗୋଟିଏ ଗାଡିକୁ ସାଇଡ୍ ଦେଉଥିବାବେଳେ ରାସ୍ତା କଡରେ ଦବି ଯାଇଥିଲା। ଏହି ଟ୍ରେଲରଟି କୈଳାଶସିଙ୍ଗପୁରଠାରୁ ମୂଷାନାଳ ପହଞ୍ଚିବା ପରେ କାର୍ଜି ମାଝୀ ଛକ ନିକଟରେ ଦବି ଯାଇଥିବାରୁ ଦୀର୍ଘ ଆଠ ଘଣ୍ଟା ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ଫଳରେ ପ୍ରାୟ ୮ଟି ପଞ୍ଚାୟତର ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ଯିବା ଆସିବା ପାଇଁ ଏହି ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ତୃତୀୟ କ୍ରୀଡ଼ା ପରିଷଦ ବୈଠକ



ତୃତୀୟ କ୍ରୀଡ଼ା ପରିଷଦ ବୈଠକରେ ଅତିଥିଗଣ।

ଭବାନୀପାଟଣା,୨୯।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ତୃତୀୟ କ୍ରୀଡ଼ା ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କୁଳସଚିବ ପିତାମ୍ବର ଭୋଇ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ସ୍ନାତକୋତ୍ତର ଅଧ୍ୟକ୍ଷା ନିବେଦିତା ନାଥ, ସିଡିସି ଡକ୍ଟର ଧନଞ୍ଜୟ କୁମାର, କ୍ରୀଡା ପରିଷଦ ନିର୍ଦ୍ଦେଶକ ଡକ୍ଟର ଘନଶ୍ୟାମ ବେହେରାଙ୍କ ସମେତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କଲେଜଗୁଡ଼ିକର ଦାୟିତ୍ୱରେ ଥିବା ୩୪ କ୍ରୀଡ଼ା ଶିକ୍ଷକ ଓ ଅଧିକାରୀ ଯୋଗ ଦେଇଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ବେହେରା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ 'କ୍ରୀଡା ପରିଷଦ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ'ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କ୍ରୀଡ଼ା ପରିଷଦ ଅଧୀନରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଓ କାର୍ଯ୍ୟକଳାପ ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଉପକୁଳସଚିବ ସାହୁ ସଦସ୍ୟମାନଙ୍କ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟ ଯୁକ୍ତ ଆଶାର କିରଣରେ ପରିପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରି ଉତ୍ସାହିତ କରିଥିଲେ। ଯାହାକି କ୍ରୀଡ଼ାର ପ୍ରତ୍ୟେକ ପର୍ଯ୍ୟାୟରେ ସଫଳତା ହାସଲ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟ ଓ ଏହାର ଅନୁବନ୍ଧିତ କଲେଜଗୁଡ଼ିକରେ କ୍ରୀଡ଼ାର ବିକାଶ ପାଇଁ ସେମାନଙ୍କର ମତାମତ ଓ ପରାମର୍ଶ ଦେଇଥିଲେ। ପରିଷଦ ବିଭିନ୍ନ ବିଷୟକୁ ଅନୁମୋଦିତ କରିଥିଲା। ବିଶ୍ୱବିଦ୍ୟାଳୟର ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ତରର ଖେଳରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଆଲୋଚନା କରାଯାଇଥିଲା।

# ସମ୍ପର୍କକୁ ସୁଦୃଢ଼ କରୁଛି ନୂଆଁଖାଇ ଭେଟ୍‌ଘାଟ୍


ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋକସରା,୨୯।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ନୂଆଁଖାଇ ଗଣପର୍ବ ଶେଷ ହୋଇଛି, ହେଲେ ନୂଆଁଖାଇ ପରେ ପରେ ବିଭିନ୍ନ ସମାଜ ଓ ସାମାଜିକ ସଙ୍ଗଠନ ପକ୍ଷରୁ ଜାରି ରହିଛି ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ। ନବରଙ୍ଗପୁର ଜିଲାର ୪୨ ଖଣ୍ଡ ଗ୍ରାମ, ବସ୍ତର ଜିଲା ୫ ଖଣ୍ଡ ଓ କଳାହାଣ୍ଡି ଜିଲାର ୨୨ ଖଣ୍ଡ ଗ୍ରାମର ୫୬୫ ପରିବାର ଲଡୁକରିଆ ମାଝି ବଂଶଜର ପ୍ରାୟ ୨୦୦୦ ଲୋକ ସାମିଲ ହୋଇ ଭାଇଚାରାର ନିଦର୍ଶନ ଦେଖାଇଛନ୍ତି। ଜୟପାଟଣା ବ୍ଲକ ରେଙ୍ଗାଲପାଲି ଧାନମଣ୍ଡିରେ କଳାହାଣ୍ଡି ଭତରା ସମାଜର ଲଡୁକରିଆ ମାଝୀ ବଂଶଜଙ୍କ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଥିବା ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ମାଝୀ ବଂଶୀୟ ମୁଖ୍ୟ କର୍ମକର୍ତ୍ତା ବନମାଳି ମାଝୀଙ୍କ ଉପସ୍ଥିତରେ ବଂଶୀୟ ସମ୍ପାଦକ ମହେନ୍ଦ୍ର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲଡୁକରିଆ ମାଝୀ ବଂଶଜ ସଭାପତି ତୋଫାନ ମାଝୀ ସ୍ୱାଗତ ଭାଷଣ

### ଭତରା ସମାଜ ଲଡୁକରିଆ ବଂଶୀୟଙ୍କ ନୂଆଁଖାଇ ଭେଟ୍‌ଘାଟ୍

ଦେଇଥିବା ବେଳେ ନବରଙ୍ଗପୁର ବ୍ଲକ ପୂର୍ବତନ ଚେୟାରମେନ ଭାଗିରଥି ନାଏକ ମୁଖ୍ୟ ଅତିଥି, ପୂର୍ବତନ ଜିଲା ସଭାପତି ନିଳକଣ୍ଠ ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ସଭାପତି ଗରୁଡ଼ଧ୍ୱଜ ମାଝୀ, ଇନ୍ଦ୍ରାବତୀ ବାମ ମୁଖ୍ୟକେନାଲ ଅଧିକ୍ଷଣ ଯନ୍ତ୍ରୀ ତୃପ କୁମାର ପାତ୍ର, ଭତରା ସମାଜର ଜିଲା ସମ୍ପାଦକ ରତ୍ନରାଜ ମାଝୀ, ପୂର୍ବତନ ସମ୍ପାଦକ ସୁଶାନ୍ତ କୁମାର ମାଝୀ, ଆଞ୍ଚଳିକ ସଭାପତି ଗୋପାଳକୃଷ୍ଣ ପୂଝାରୀ, ଭତରା ସମାଜର ଜୟପାଟଣା ବ୍ଲକ ସଭାପତି ରଣସାଏ ପାତ୍ର, ନାଟ୍ୟଗୁରୁ କବି କ୍ଷୀରୋଦ ମାଝୀ, ସୁଧୀର କୁମାର ପାତ୍ର, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଚକାଡୋଳା ପାତ୍ର, ଗୋପୀଚନ ନାଏକ, ମନ ମାଝୀ, ବିଜୟ ଦିଶାରୀ, ବଂଶୀଧର ଚଲାନ, ଅନ୍ତ ବାଣୁଆ, ରାଜୀବ ମାଝୀ, ରାଧାକାନ୍ତ ମାଝୀ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## କୋମନା ଖଣ୍ଡର ନୂଆଁଖାଇ ଭେଟ୍‌ଘାଟ୍

କୋମନା, ୨୯।୯(ସୋବିନ ଛତ୍ରିଆ)

କୋମନା ବ୍ଲକ ସ୍ୱେଚ୍ଛାସେବୀ ସଙ୍ଗଠନ କୋମନା ଖଣ୍ଡର ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ କୁରେଶ୍ୱର ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗଠନର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପରସ୍ପର ମଧ୍ୟରେ ନୂଆଁଖାଇ ଜୁହାର ଭେଟଘାଟ୍ ହୋଇ ଥିଲା। ଯେକୌଣସି ସଙ୍ଗଠନ ଚଳାଇବାକୁ ହେଲେ କାର୍ଯ୍ୟକର୍ତ୍ତା ନିହାତି ଆବଶ୍ୟକ। ତେଣୁ ସଙ୍ଗଠନର ସମସ୍ତ ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ଯୋଗେନ୍ଦ୍ର ବାଗ ସଭାପତି, ମୂଳଚନ ସୁନାନୀ ଉପସଭାପତି, ଅବନୀରଞ୍ଜନ ପାଢ଼ୀ ସମ୍ପାଦକ, ଚନ୍ଦ୍ର ପ୍ରକାଶ ଯୋଶୀ ଯୁଗ୍ମ ସମ୍ପାଦକ, ଯୁବରାଜ ପଟେଲଙ୍କୁ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି। ଏହା ସହିତ ବ୍ୟାସ ଦେବ ଅହିର, ଗୁଣବନ୍ତ ରଥ, ନବୀନ ଠାକୁର, ଦିଲୀପ କୁମାର ପାଣିଗ୍ରାହୀ, ଦେବାଶିଷ ରଣା, ସୁଶାନ୍ତ ହଲୱାଇ, ଦିଜରାଜ ରଣା, ଦୟାସାଗର ପ୍ରଧାନ, ନୀଳାମ୍ବର ଦୀପ, ଭଜନ ଶଗ୍ରିଆ, ମାୟାଧର ସରାଫ, ସୁବ୍ରତ ଅଗସ୍ତି, ମନିଜର ଆର୍ଯ୍ୟ, ଡମରୁ ଧର ପଣ୍ଡା, ପ୍ରଦୀପ କୁମାର ସାହୁ, ଭଗତ ରାମ ସତନାମୀଙ୍କୁ ଉପଦେଷ୍ଟା ଭାବରେ ରଖାଗଲା।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ କର୍ମକର୍ତ୍ତା।

# କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରୌପ୍ୟ ଜୁବ୍‌ଲି

ଭବାନୀପାଟଣା,୨୯।୯ (ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହର ନିକଟସ୍ଥ ପ୍ରଗତି ଶିକ୍ଷାନୁଷ୍ଠାନରେ ରବିବାର କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୁବ୍‌ଲି ପ୍ରଥମ ଚରଣ ପାଳିତ ହୋଇଯାଇଛି। କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ଓ ପ୍ରଗତି ଶିକ୍ଷାନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା କେଶରୀ ଦେଓ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସଭାପତି ପ୍ରଫେସର ଗୋପବନ୍ଧୁ ବେହେରା, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ମୁଣ୍ଡ, ସମ୍ପାଦକ କୃଷ୍ଣାବତାର ଦେଓ, ପ୍ରଗତି ଶିକ୍ଷାନୁଷ୍ଠାନର ସମ୍ପାଦକ ଇଂ. ଅଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ମୁଣ୍ଡ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଚିନ୍ମୟ କୁମାର ଗୁରୁ, ରଜନୀ ବେହେରା, ପୂର୍ଣ୍ଣଦୀପା ଖମାରୀ ପ୍ରମୁଖ ସହଯୋଗ କରିଥିଲେ।

ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦୀପ



କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରୌପ୍ୟ ଜୁବ୍‌ଲିରେ ଅତିଥିଗଣ।

### ଜିଲାର ବିକାଶ ଉପରେ ଶିକ୍ଷା ବିକାଶ ପରିଷଦର ଉଦ୍ୟମ

ପ୍ରଜ୍ୱଳନ ହେବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଗତି ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ କୃଷ୍ଣାବତାର ଦେଓ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଦୀର୍ଘ ୨୫ ବର୍ଷ ଧରି କେବଳ ଶିକ୍ଷା ନୁହେଁ, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ବାଣିଜ୍ୟ, ଗମନାଗମନ ଆଦି କ୍ଷେତ୍ରରେ ଜିଲାର କିପରି ବିକାଶ ଆସିବ ତାହାକୁ ନେଇ ଏହି କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କର୍ମକର୍ତ୍ତା ସର୍ବଦା ଉଦ୍ୟମରତ ବୋଲି କୃଷ୍ଣାବତାର ଦେଓ ତାଙ୍କର ବିବରଣୀରେ ପ୍ରକାଶ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲାର ବିକାଶକୁ ଦୃଷ୍ଟିରେ ରଖି ଶୀଘ୍ର ଏକ କୃଷି ବିଶ୍ୱବିଦ୍ୟାଳୟ, ସ୍ପୋର୍ଟ କଲେଜ, ପ୍ଲାନିଟୋରିୟମ ଖୋଲିବା ପାଇଁ ପରିଷଦର ସଭାପତି ପ୍ରଫେସର ବେହେରା ସାଂସଦଙ୍କଠାରେ ଦାବି ଜଣାଇଥିଲେ। କଳାହାଣ୍ଡି ଜିଲାର ବିଭିନ୍ନ ବର୍ଗର ଆଶାୟୀ ପରୀକ୍ଷାର୍ଥୀମାନଙ୍କର ସୁବିଧା ନିମନ୍ତେ ଜିଲା ମଧ୍ୟରେ ସରକାରୀ ନିଯୁକ୍ତି ଓ ପ୍ରବେଶିକା ପରୀକ୍ଷାଗୁଡିକ ଅନୁଷ୍ଠିତ ହେବା ନିମନ୍ତେ ପ୍ରଗତି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସଦଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେବା ସହିତ ବିଏସ୍‌ସି ନର୍ସିଂ, ପାରା ମେଡିକାଲ କ୍ଷେତ୍ରରେ ପ୍ରାଧାନ୍ୟ ଦେବା ସହିତ କଳାହାଣ୍ଡିର ବିକାଶ ଦିଗରେ ପ୍ରଗତି ଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ଅନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସାଂସଦ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ଭାଗୀରଥି ଭୋଇ ଧନ୍ୟବାଦ ଦେଇଥିଲେ।

## ଏବିଭିପି ଛାତ୍ରନେତାଙ୍କ ପରଲୋକ

ରାଉରକେଲା,୨୯।୯(ସଙ୍ଗୀତା ଜେନା)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଛାତ୍ର ନେତା ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ରାଉରକେଲା ମହାନଗରର ସହ ପ୍ରଚାରକ ସମୀର ରାଉତ(୨୯)ଙ୍କ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ସ୍ୱର୍ଗତ ରାଉତ ଛାତିରେ କଷ୍ଟ ଅନୁଭବ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ରବିବାର ସକାଳେ ତାଙ୍କ ମରଶରୀର ରାଉରକେଲା ଛେଣ୍ଡ ସ୍ଥିତ ବାସଭବନରେ ପହଞ୍ଚିଥିଲା। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ରଘୁନାଥପଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ନିହାର ରାୟ, ଶ୍ରୀକାନ୍ତ ରାୟ, ଏବିଭିପି ଜନଜାତି ପ୍ରମୁଖ ପ୍ରମୋଦ ରାଉତ, ସଙ୍ଗଠନ ସମ୍ପାଦକ ଜୀବନଜ୍ୟୋତି ରାଉତ, ଜିଲା ସଂଯୋଜକ ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା।

# ନଷ୍ଟ ହେଉଛି ସିସିଟିଭି, କାର୍ଯ୍ୟକାରୀ ହେଉନି

ରାଉରକେଲା,୨୯।୯(ସଙ୍ଗୀତା ଜେନା)



ରାଉରକେଲା ହନୁମାନ ବାଟିକା ନିକଟରେ ସିସିଟିଭି ଲାଗିଛି।

ରାଉରକେଲା ପୋଲିସ ଜିଲାରେ ମହିଳା ଉତ୍ପୀଡ଼ନ ଏବଂ ବଳାତ୍କାର ଭଳି ସଙ୍ଗୀନ ଅପରାଧ ଚରମ ସୀମାରେ ପହଞ୍ଚିଛି। ଚଳିତ ମାସ ୨୧ତାରିଖରୁ ନାବାଳିକା ଗଣବଳାତ୍କାର ଭଳି ଘଟଣା ଖବରର ଶିରୋନାମା ପାଲଟିଛି। ତେବେ ସହରରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ନ ଥିବା ଯୋଗୁ ଆପରାଧିକ ମାମଲା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ସେହିପରି ସହରର ସନ୍ଦିଗ୍ଧ ସ୍ଥାନମାନଙ୍କରେ ପୋଲିସ ପାଟ୍ରୋଲିଂ କମ୍ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ଅପରପକ୍ଷେ ସିସିଟିଭି ପ୍ରକଳ୍ପ ଯଥାଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍), ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି), ରାଉରକେଲା ପୋଲିସ ଜିଲା ଏବଂ ରାଉରକେଲା ଇସ୍ପାତ କାରଖାନାର ଉଦ୍ୟମରେ ସିସିଟିଭି ଇନଷ୍ଟଲେଶନ ପ୍ରକଳ୍ପ ଆଗେଇଥିଲା। ପ୍ରାରମ୍ଭରେ ସିସିଟିଭି ସ୍ଥାନ

**ରାଉରକେଲା ସହର**

ନିରୂପଣ ପାଇଁ ଆର୍‌ଏମ୍‌ସି ଏବଂ ପୋଲିସ ପକ୍ଷରୁ ମିଳିତ ସର୍ଭେ କରାଯାଇଥିଲା। ପ୍ରାୟ ୨ ବର୍ଷ ତଳେ ସହରର ପ୍ରାୟ ୧୧୦ଟି ଆପରାଧିକ ଜୋନ୍ ବା ଜନଗହଳିପୂର୍ଣ୍ଣ ସ୍ଥାନରେ ସାଢ଼େ ୪ଶହରୁ ଊର୍ଦ୍ଧ୍ୱ ସିସିଟିଭି ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। ୯୦ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ଅପ୍ଟିକାଲ ଫାଇବର କେବୁଲ ଲେଟିଂ ସହ ସ୍ମାର୍ଟ ସଲ୍ୟୁଶନ ଉପାଦନରେ କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଥିଲା। ଏଗୁଡ଼ିକୁ ଇନଷ୍ଟଲ୍ କରିବା ପାଇଁ ରାଉରକେଲା ଓ ବାହାର ରାଜ୍ୟର ୮ଟି ଟିମ୍ ନିୟୋଜିତ ହୋଇଥିଲେ। ସବୁ ସ୍ଥାନରେ ସିସିଟିଭି ଲଗାଯାଇଥିଲା। ତେବେ ସିସିଟିଭି ଇନଷ୍ଟଲେଶନ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ଏହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇପାରିନାହିଁ। ଇତିମଧ୍ୟରେ ଅନେକ ସିସିଟିଭି ନଷ୍ଟ ହୋଇଗଲାଣି। ଯାହାକୁ ପୁନଃ ଇନଷ୍ଟଲେଶନ କରାଯାଉଛି। ଏହାକୁ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷରୁ ପରିଚାଳନା କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ପ୍ରାୟ ଦେଢ଼ଶହ କମ୍ପ୍ୟୁଟର ସିଷ୍ଟମ୍, ୱାଲ୍‌ବେଲୁନ୍, ପ୍ରୋଜେକ୍ସନ୍, ସର୍ଭର ରୁମ୍, ଅପ୍ଟିକାଲ ଫାଇବର ଆଦି ନିୟନ୍ତ୍ରଣ କକ୍ଷରେ ଲଗାଯାଇଛି। ଏହାକୁ ଆର୍‌ଏସ୍‌ସିଏଲ୍ ଦ୍ୱାରା ଚୁକ୍ତି ହୋଇଥିବା ରାଷ୍ଟ୍ରାୟତ୍ତ କମ୍ପାନୀ ଭାରତ ଇଲେକ୍ଟ୍ରୋନିକ୍ ଲିମିଟେଡ୍ (ବେଲ୍) ପରିଚାଳନା କରୁଛି।

ଫର୍ଟିଲାଇଜର ଅଞ୍ଚଳର ସମାଜସେବୀ ଗୌରାଙ୍ଗ ଦାଶ ବର୍ଦ୍ଧିତ ଅପରାଧକୁ ନେଇ କହିଛନ୍ତି, ପୋଲିସ ପାଟ୍ରୋଲିଂ ହ୍ରାସ ପାଉଛି। ଥାନାମାନଙ୍କରେ ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ସିସିଟିଭି ଓ ଷ୍ଟ୍ରିଟ୍ ଲାଇଟ୍ ନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଅଧିକ ପାଟ୍ରୋଲିଂ ଦରକାର। ଏହା ହେଲେ ସୂର୍ଯ୍ୟ ବୁଡ଼ିଲେ ମହିଳାମାନେ ସୁରକ୍ଷିତ ଭାବେ ଚଳପ୍ରଚଳ ହୋଇପାରିବେ ବୋଲି ଦାଶ କହିଥିଲେ। ଏ ସମ୍ପର୍କରେ ଡିଆଇଜି ବ୍ରିଜେଶ ରାୟଙ୍କ ପଚରାଯିବାରୁ ସେ କହିଲେ, ସହରରେ ପୋଲିସ ଯାଞ୍ଚ କଡାକଡି କରାଯାଉଛି। ପାର୍ବଣକୁ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ଅଞ୍ଚଳରେ ଯାଞ୍ଚ କରାଯାଉଛି। ଅନେକ ସ୍ଥାନକୁ ପୋଲିସ ପକ୍ଷରୁ କଡ଼ା ନଜରରେ ରଖାଯାଉଛି। ସିସିଟିଭି ବ୍ୟବସ୍ଥା ଯଥାଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ସହରକୁ ଅପରାଧଶୂନ୍ୟ କରିବାକୁ ପ୍ରୟାସ କରାଯାଉଛି ବୋଲି ଡିଆଇଜି ରାୟ କହିଥିଲେ।

## ଓଭରବ୍ରିଜ୍‌ରେ ଗର୍ତ୍ତ, ଯାତାୟାତରେ ସମସ୍ୟା



ବ୍ରିଜ୍‌ରେ ସୃଷ୍ଟି ହୋଇଥିବା ଗାତ।

ରାଉରକେଲା,୨୯।୯(ଦିନେଶ ମିଶ୍ର)

ରଘୁନାଥପଲି ଅଞ୍ଚଳରେ ଥିବା ତାରିଣୀ ମନ୍ଦିର ଓଭରବ୍ରିଜ୍‌ରେ ପିଚୁ ଉଠି ବଡଧରଣର ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷାରେ ଗର୍ତ୍ତ ମାନଙ୍କରେ ବର୍ଷାପାଣି ଜମି ରହିବାରୁ ଯାତାୟତରେ ଅସୁବିଧା ହେଉଛି। ବିଭିନ୍ନ ସମୟରେ ବ୍ରିଜ୍ ଉପରେ ଦୁର୍ଘଟଣା ଘଟୁଅବବା ନଜିର ରହିଛି। ସେହିପରି ବ୍ରିଜ୍‌ର ବୁଲାଣି ସ୍ଥାନରେ କୌଣସି ସ୍ପିଡ୍‌ମିଟର କି ବୁଲାଣୀ ସଙ୍କେତ ଚିହ୍ନ ଦିଆଯାଇନାହିଁ। ଫଳରେ ଅମାନିଆ ଗାଡ଼ି ଚାଳକମାନେ ଦ୍ରୁତଗତିରେ ଗାଡି ଚାଳନା କରୁଛନ୍ତି। ବ୍ରିଜ୍‌ର ଥିବା ସୁରକ୍ଷା ପାଚେରୀ ଫାଟି ଆଁ କରିଛି। ବ୍ରିଜ୍‌ର ଦୁଇ ପାର୍ଶ୍ୱରେ ଫୁଟ୍‌ପାଥରେ ପଡିଥିବା କଲଭର୍ଟଗୁଡିକ ଭାଙ୍ଗି ଯାଇଛି ତ ଆଉ କେଉଁ ସ୍ଥାନରେ ଦବି ହୋଇଯାଇଛି। ଏ ନେଇ ରାଉରକେଲା ପିଡବ୍ଲ୍ୟୁଡି ଅଧିକାରୀ ଇଂ. ମନୋଜ କୁମାର ମହାନନ୍ଦଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ବର୍ଷା ହେଉଥିବାରୁ ଉକ୍ତ ବ୍ରିଜ୍‌ରେ ଉପୁଜୁଥିବା ସମସ୍ୟାକୁ ଦୂର କରାଯାଇପାରିନାହିଁ। ଆସନ୍ତା ଦୁର୍ଗାପୂଜା ପରେ ଉକ୍ତ ବ୍ରିଜ୍‌ର ଟେଣ୍ଡର ପ୍ରକ୍ରିୟା ହେବ। ଏହି ବ୍ରିଜ୍‌କୁ ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରିବା ପରେ ସମାଧାନ କରାଯିବ ବୋଲି ଇଂ. ମହାନନ୍ଦ କହିଥିଲେ।

## ସେବା ସପ୍ତାହ ସମାରୋହ ଦିବସ ପାଳନ



ସେବା ସମାରୋହ ସଭାରେ ମଞ୍ଚାସୀନ ଅତିଥି ।

ରାଉରକେଲା,୨୯।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ନୟାବଜାର ସ୍ଥିତ ଏକ ହୋଟେଲରେ ରବିବାର ଭାଜପା ମଣ୍ଡଳସ୍ତରୀୟ ସେବା ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରୀୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଏବଂ ପୂଜା ରାୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଯୁବ ଭାଜପା ନେତା ପ୍ରକାଶ ପାଶ୍ୱାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଭାଜପା ନେତା ରିତ ନାୟକ, ଉପସଭାପତି ଅଙ୍କୁଶ ବର୍ମା, ପ୍ରମିଳା ଦାଶ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ରୀତା ସିଂ, ମିଟୁ ବେରିହା, ଧର୍ମେନ୍ଦ୍ର ଯାଦବ, ରାଜେଶ ମହାପାତ୍ର, ମାନିକ ଚୌଧୁରୀ, ମହିଳା ମୋର୍ଚ୍ଚା ଜିଲା ସଭାପତି ସସ୍ମିତା ସାହୁ, ସାଧାରଣ ସମ୍ପାଦକ ପୁଷ୍ପଲତା ସ୍ୱାଇଁ, ମହିଳା ମୋର୍ଚ୍ଚା ଉପସଭାପତି ଦୁର୍ଗା ମାଇତି ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାର ସଦସ୍ୟତା ଅଭିଯାନକୁ ସଫଳ ରୂପାୟନ କରିବା ହେଉଛି ଦଳର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ରାଉରକେଲା ନିର୍ବାଚନ ମଣ୍ଡଳୀରେ ଭାଜପାକୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ ହେଲେ ସଦସ୍ୟତା ବୃଦ୍ଧି ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟଅତିଥି ଜୁଏଲ ଓରାମ କହିଥିଲେ। ଅନ୍ୟତମ ଅତିଥି ପୂଜା ରାୟ ତାଙ୍କ ଭାଷଣରେ କହିଥିଲେ, ଜନସେବା କରିବା ଭାଜପାର ଏକମାତ୍ର ଲକ୍ଷ୍ୟ। ଏଣୁ ଭାଜପା ନେତା ଓ କର୍ମୀମାନେ ଭାଜପାର ସେବା ହିଁ ସଙ୍ଗଠନ ନାରାକୁ ସଫଳ କରିବା ଆବଶ୍ୟକ ବୋଲି ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବିଧାନସଭା କ୍ଷେତ୍ରର ବହୁ ମହିଳା ପୁରୁଷ ଓ ଯୁବବର୍ଗ ଉପସ୍ଥିତ ଥିଲେ।

## ଶିଶୁ ପ୍ରତିଭା ଉଜାଗର କରିବାର ପ୍ରକୃଷ୍ଟ ମାଧ୍ୟମ ସୁରଭି

ରାଉରକେଲା,୨୯।୯(ବିପ୍ଳବ ରଞ୍ଜନ ଦାଶ)

ପ୍ରତ୍ୟେକ ଶିଶୁ କସ୍ତୁରୀ ମୃଗ ସମାନ। ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଉଜାଗର କରିବାର ମାଧ୍ୟମ ହେଉଛି ସୁରଭି କାର୍ଯ୍ୟକ୍ରମ। ବେଦବ୍ୟାସସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ-୨୦୨୪ରେ ଅତିଥିମାନେ ଏହା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ଶହୀଦ ଭଗତ ସିଂହ ଓ କବିବର ରାଧାନାଥ ରାୟଙ୍କୁ ମନେ ପକାଇ ସେମାନଙ୍କ ଦେଶ ଓ ଜାତି ପ୍ରତି ରହିଥିବା ଅବିସ୍ମରଣୀୟ ବଳିଦାନ ଏବଂ ଅବଦାନର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ବେଦବ୍ୟାସ ସଂସ୍କୃତ କଲେଜ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତରର ପ୍ରତିଭାକୁ ବିକଶିତ କରିବା ପାଇଁ ସରକାରୀ ସ୍ତରରେ ଆୟୋଜିତ ସୁରଭି ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ। ଲାଠିକଟା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସିଲଭିଆ ଏକ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ କୁନି କୁନି ପିଲାମାନଙ୍କ ପ୍ରତିଭା ବିକାଶରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ସେମାନେ ଏହି ଗୁରୁଦାୟିତ୍ୱ ତୁଲାଇବା ଆବଶ୍ୟକ ବୋଲି ଏକ୍କା କହିଥିଲେ। ପ୍ରାରମ୍ଭରେ ସିଆର୍‌ସିସି ହାତିମ ଖାନ ସ୍ୱାଗତ ଭାଷଣ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ସୁରଭି କାର୍ଯ୍ୟକ୍ରମରେ ବେଦବ୍ୟାସ ସଂସ୍କୃତ କଲେଜର ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ନିଜ ସାଧନା ଉପରେ ବିଶ୍ୱାସ ରଖିଲେ ନିଶ୍ଚିତ ସିଦ୍ଧିଲାଭ ହେବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୯।୯(ଦିନେଶ ମିଶ୍ର)

**ଇରମ ଶହୀଦ ସ୍ମୃତି ଦିବସ ପାଳିତ**

ରାଉରକେଲାର ଧାମରା ସଂଘ ପକ୍ଷରୁ ଲୁଣିଆ ଇରମ ଶହୀଦ ସ୍ମୃତି ଦିବସ ସଂଘ କାର୍ଯ୍ୟାଳୟରେ ରବିବାର ସଭାପତି ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମେ ମାଟି ମନସ୍କ ଓ ଜାତି ମନସ୍କ ହୋଇପାରିଲେ ଏହା ହିଁ ହେବ ଶହୀଦମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ଆମେ ସର୍ବଦା ନିଜର ସାଧନା ଉପରେ ବିଶ୍ୱାସ ରଖିଲେ ନିଶ୍ଚୟ ଦିନେନା ଦିନେ ସିଦ୍ଧିଲାଭ କରିପାରିବା ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଡାକ୍ତର ଅଜୟ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଇରମ ଗୁଳିକାଣ୍ଡ ଆରକ୍ତ ଗୋଧୂଳିର ରକ୍ତାକ୍ତ ରାଗିଣୀ ଉପରେ ଆଲୋଚନା କରିଥିଲେ। ୧୯୨୧ରୁ ଆରମ୍ଭ ହୋଇଥିବା ଅସହଯୋଗ ଆନ୍ଦୋଳନ ଶେଷରେ କର ବା ମର ନୀତି ଆପଣାଇ ୧୯୪୨ ଇରମ ଗୁଳିକାଣ୍ଡରେ ଶେଷ ହୋଇଥିଲା। ଏହି ଅବସରରେ ଇରମ ଶହୀଦଙ୍କୁ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସାଧାରଣ ସମ୍ପାଦକ ଭଗବାନ ରାଉତ ସ୍ୱାଗତ ଭାଷଣ ପ୍ରଦାନ ଏବଂ ସହ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ବାଳକୃଷ୍ଣ ସ୍ୱାଇଁ, ମହେନ୍ଦ୍ର ମହାନ୍ତି, ଉପେନ୍ଦ୍ର ନାୟକ, ଶମ୍ଭୁନାଥ ପରିଡା, ରମାକାନ୍ତ ପରିଡା, ଜ୍ଞାନରଞ୍ଜନ କର, ଅମୂଲ୍ୟ ସେଠୀ, ରତ୍ନାକର ବଳ, ଶ୍ରୀବତ୍ସ କୁଅଁର, ନିରୁପମା ନାୟକ, ସସ୍ମିତା ପ୍ରଧାନ, ସୂର୍ଯ୍ୟ ପଣ୍ଡା, ହରେକୃଷ୍ଣ ଦାଶ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରେନ୍ ନିର୍ମାଣ ପାଇଁ ବିଧାୟକଙ୍କୁ ସ୍ମାରକପତ୍ର

ରାଉରକେଲା,୨୯।୯(ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲା ସ୍ଥିତ ଜଲଦା ଏ ବ୍ଲକ ରଙ୍ଗିଲା ଛକ ଓ ସ୍ଥାନୀୟ ବାସିନ୍ଦା ରବିବାର ନିଜ ଅଞ୍ଚଳରେ ଡ୍ରେନ ନିର୍ମାଣ ଦାବିରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୂର୍ବାହ୍ନରେ ବିଧାୟକ ତନ୍ତୀ ଅଞ୍ଚଳ ପରିଦର୍ଶନ କରିବା ସମୟରେ ସେମାନେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ବର୍ଷାଋତୁରେ ନାଳନର୍ଦ୍ଦମା ସଫେଇ ହେଉ ନ ଥିବା ଯୋଗୁ ଅସୁବିଧା ହେଉଛି। ରାସ୍ତାରେ ଅପରିଷ୍କାର ଜଳ ବହୁଛି। ତେଣୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି। ଆର. କେ ସିଂହ, ଝସସ୍ୱିନୀ ସିଂହ, ସୁନୀତା ସିଂହ, ସରିତା ପରିଡ଼ା, ଭୂପିନ୍ଦର କୌର, ପ୍ରିୟଙ୍କା ସିଂହ, ନୀଳିମା ଶର୍ମା, ରମେଶ କୁମାର, ସଙ୍ଗୀତା ଶର୍ମା, ପୂଜା ସାହୁ, ରଶ୍ମି ସିଂହ, ସବିତା ଶର୍ମା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଆଇନଶୃଙ୍ଖଳା ପରିସ୍ଥିତି ନେଇ ସିପିଆଇର ଉଦ୍‌ବେଗ

ରାଉରକେଲା,୨୯।୯(ସଙ୍ଗୀତା ଜେନା)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଉରକେଲା ଆଞ୍ଚଳିକ କମିଟିର ଏକ ବୈଠକ ଜିଲା କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିପିଆଇ ନେତା ଦକ୍ଷରୁ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜୋନ୍ ସମ୍ପାଦକ ସଦାନନ୍ଦ ସାହୁ ପାର୍ଟିର ବିଗତ ଦିନର ବିଭିନ୍ନ କାର୍ଯ୍ୟକ୍ରମ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ରାଉରକେଲାର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରାଉରକେଲାରେ ଗତ ୧୦ଦିନ ମଧ୍ୟରେ ତିନୋଟି ଗଣବଳାତ୍କାର ଘଟଣା ରାଉରକେଲା ତଥା ସୁନ୍ଦରଗଡବାସୀଙ୍କ ପାଇଁ ଲଜ୍ଜା ବୋଲି କହିବା ସହ ପ୍ରଶାସନ ତୁରନ୍ତ ଆଇନଶୃଙ୍ଖଳା ପରିସ୍ଥିତ ସୁଧାରିବା ପାଇଁ ପଦକ୍ଷେପ ନେବାକୁ ମହାନ୍ତି ଦାବି କରିଥିଲେ। ନଚେତ ଦଳ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ। ବୈଠକରେ ଅନୁପମ ଦତ୍ତ, ସୁଶାନ୍ତ ଲେଙ୍କା, ବାପିନା ବେହେରା, ସୁବାଷ କିଣ୍ଡୋ, କାର୍ତ୍ତିକ ନାୟକ, ପଞ୍ଚାନନ ସୁନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କ୍ଷତ୍ରିୟ ଖଣ୍ଡାୟତ ମହାସଭା ବୈଠକ

ରାଉରକେଲା,୨୯।୯(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୩ ସ୍ଥିତ ଖଡ୍ଗ ଭବନରେ ରବିବାର ନିଖିଳ ଉତ୍କଳ କ୍ଷତ୍ରୀୟ ଖଣ୍ଡାୟତ ମହାସଭାର ବୈଠକ ଉପେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬ଟି ଜୋନ୍‌ର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଶଶଧର ପାତ୍ର ଆଗାମୀ ଦଶହରା ପାଳନ, ଖଡ୍‌ଗ ଶୋଭାଯାତ୍ରା, ଖଡ୍‌ଗ ମନ୍ଦିରର ମରାମତି ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ନାରାୟଣ ସାମଲ, ଚନ୍ଦ୍ରମଣି ବେହୁରିଆ, ଜଗନ୍ନାଥ ରାଉତ, ଶମ୍ଭୁନାଥ ପରିଡା, ନିରୋଦ କୁମାର ରାଉତ, ଉଗ୍ରସେନ ବିଶ୍ୱାଳ, ରୁଥେନ୍ଦ୍ର ପ୍ରଧାନ, ଗଙ୍ଗାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ରବୀନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ଅଭିଯାନରେ ହେବ ସ୍ୱଚ୍ଛତା ମାରାଥନ୍

ରାଉରକେଲା,୨୯।୯(ଦିନେଶ ମିଶ୍ର)

ସ୍ୱଚ୍ଛତା ହିଁ ସେବା ଅଭିଯାନରେ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆରଏମ୍‌ସି ପକ୍ଷରୁ ଛେଣ୍ଡ ସ୍ଥିତ ଭିଏସ୍‌ଏସ୍ ମାର୍କେଟ ପରିସରରେ ସାମୂହିକ ସଫେଇ କରାଯାଇଥିଲା। ଏଥିରେ ରାଉରକେଲା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଏଥିସହ ସଫେଇ କର୍ମଚାରୀଙ୍କ ଉତ୍ସର୍ଗୀତକୃତ ସେବାକୁ ସମ୍ମାନ ଦେବା ପୂର୍ବକ ସ୍ଥାନୀୟ ମଧୁସୂଦନ ମଣ୍ଡପରେ ବଡଖାନା ଆୟୋଜନ କରାଯାଇଥିଲା। ଏଥିରେ ସେମାନଙ୍କୁ ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ସେହିପରି ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩୧ ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସଫେଇ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ତଥା ସ୍ୱଚ୍ଛ ଭାରତ ଦିବସ ଅବସରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛତା ମାରାଥନ୍‌ରେ ରାଉରକେଲାବାସୀ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆରଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଡେପୁଟି କମିଶନର ଅନୀତା ନାୟକ, ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ପ୍ରବର୍ତ୍ତନ ଅଧିକାରୀ ସ୍ୱାଧୀନ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ସଫେଇ କର୍ମଚାରୀମାନଙ୍କୁ ଶପଥ ପାଠ କରାଯାଉଛି।

## ପ୍ରାଚୀନ କଳା ସଂସ୍କୃତିକୁ ଉଜ୍ଜୀବିତ କରେ ଭେଟ୍‌ଘାଟ୍

ରାଉରକେଲା,୨୯।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସିଭିକ ସେଣ୍ଟର ପ୍ରେକ୍ଷାଳୟରେ ରବିବାର ରାଉରକେଲା ସଦ୍‌ଭାବନା ଲକ୍ଷେ ଘର ସମାଜ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ପ୍ରଦୀପ ସୁରଝେଲିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି, ସୁନ୍ଦରଗଡ ତହସିଲଦାର କୁଳମଣି ରନବୀଡା, ଗୃହ ନିର୍ମାଣ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦିଆ, ସୁନ୍ଦରଗଡ ଡିଏସ୍‌ପି ତପନ ମହାନନ୍ଦ, ଆରଏସପି ଟ୍ରାଫିକ ଓ ର ମେଟେରିୟଲ ସିଜିଏମ କୌଶିକ ସୁନାନୀ, ଓଡିଶା ଜଳ ସର୍ବେକ୍ଷଣ ବିଭାଗୀୟ ଯନ୍ତ୍ରୀ ଦାମୋଦର ଦେହୁରୀଆ, ସୁନ୍ଦରଗଡ ଜିଲା ଲକ୍ଷେଘର ସମାଜ ସଭାପତି ପ୍ରଫୁଲ୍ଲ ସୁନାନୀ, ଜିଲା ଜଙ୍ଗଲ ସର୍ବେକ୍ଷଣ ଅଧିକାରୀ ଫନୀନ୍ଦ୍ର କୁମାର ତାଣ୍ଡି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ତନ୍ତୀ କହିଥିଲେ, ନୂଆଁଖାଇ ଭେଟଘାଟ ନିବିଡତା ଭରିବାର ଏକ ପ୍ରୟାସ। ଏହା କେବଳ ମାତ୍ର ପର୍ବ ନୁହେଁ, ନୂଆଁଖାଇ ପଶ୍ଚିମ ଓଡିଶାର ପ୍ରାଚୀନ ସଂସ୍କୃତି ସଭ୍ୟତାର ଏକ ଅବିଚ୍ଛିନ୍ନ ଇତିହାସ। ନୂଆଁଖାଇ ଭେଟଘାଟ ବିଲୁପ୍ତ ହେଉଥିବା ପଶ୍ଚିମ ଓଡିଶାର ପ୍ରାଚୀନ କଳା ଓ ସଂସ୍କୃତିକୁ ପୁନର୍ଜୀବିତ କରିବାରେ ଯୁବବର୍ଗଙ୍କୁ ମାର୍ଗଦର୍ଶନ କରାଏ ବୋଲି ବିଧାୟକ କହିଥିଲେ। ଅନ୍ୟ ଅତିଥିମାନେ ନୂଆଁଖାଇ ଭେଟ୍‌ଘାଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହାପରେ ଦଶମ, ଯୁକ୍ତ ୨ ଏବଂ ସ୍ନାତକୋତ୍ତର ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ରାଉରକେଲା ସଦ୍‌ଭାବନା ଲକ୍ଷେଘର ସମାଜର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଞ୍ଜୟ ବେହେରା, ସୁମିତ ପଲ, ବନମାଳି ପ୍ରଧାନ, ରଶ୍ମିତା କର୍ଣ୍ଣା, ରାଉରକେଲା ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ସତ୍ୟବାନ ମହାନନ୍ଦ, ସେକ୍ଟର-୭ ଥାନାଧିକାରୀ ବିକ୍ରମ ଜୟପୁରିଆ ଓ ରଘୁନାଥପଲ୍ଲୀ ଏସ୍‌ଆଇ ସୁରଜ କଂଶ୍ରାଲୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲାର ୪୦ଟି ବ୍ଲକର ଲକ୍ଷେଘର ସମାଜ ସଭାପତି ସାମିଲ ହୋଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମାଜର ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ଶାସନୀ ବାର୍ଷିକ ବିବରଣୀ ପଠନ କରିଥିଲେ। ସଙ୍ଗଠନ ଉପଦେଷ୍ଟା ରୋହିତ କୁମାର ମହାନନ୍ଦିଆ, ରାଜକିଶୋର ଧରୁଆ, ଅଲେଖ ମହାନନ୍ଦିଆ, ମୁରଲୀଧର ଜୟପୁରିଆ, ହୃଷୀକେଶ ନାୟକ, ଅଶୋକ ବୁଡା, ଟିକେଶ୍ୱର ତାଣ୍ଡିଆ, ମାନସୀ ତାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ। ମହିମାବକ୍ତି ବେସନ ଓ ତନୁଜା ତନ୍ତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଟଙ୍କଧର ବାଘ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ସଂକ୍ଷେପରେ

### ବାଇକ୍‌ରେ ଆସି ଛାତ୍ରୀଙ୍କ ମୋବାଇଲ ଝାମ୍ପିନେଲେ

କୋଲାବିରା,୨୯।୯(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ମହାବିଦ୍ୟାଳୟକୁ ଆସୁଥିବା ଜଣେ ଛାତ୍ରୀଙ୍କ ମୋବାଇଲ ଫୋନ ୨ଜଣ ଲୁଟେରା ବାଇକ୍‌ରେ ଆସି ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଶନିବାର ସକାଳ ୯ଟାରେ କୋଲାବିରା ଥାନା ଧୁବେନବୁଡ ଗ୍ରାମର ଛାତ୍ରୀ କରିନା କିଷାନ କୋଲାବିରା ପଞ୍ଚାୟତ ସମିତି ମହାବିଦ୍ୟାଳୟକୁ ଆସୁଥିଲେ। ସମାସିଂହାଠାରୁ ଅନତିଦୂର ଚିତ୍ରାଢିପା ନିକଟରେ ବିପରିତ ଦିଗରୁ ୨ଜଣ ଯୁବକ ବାଇକ୍‌ରେ ଆସି ଛାତ୍ରୀଙ୍କ ହାତରେ ଧରିଥିବା ମୋବାଇଲ ଫୋନକୁ ଟାଣି ନେଇ ଚାଲିଯାଇଥିଲେ। ସାମସିଂହା-କୁଲିହାମାଲ ରାସ୍ତା ନିଛାଟିଆ ରହୁଥିବା ସୁଯୋଗ ନେଇ ଅନାୟାସରେ ୨ଜଣ ଫେରାର ହୋଇଥିଲେ। ଏ ସଂକ୍ରାନ୍ତରେ ଛାତ୍ରୀ କୋଲାବିରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଛାନବିନ ଆରମ୍ଭ କରାଯାଇଛି।

### ପୁଣି ଇବ୍‌ନଦୀ ବ୍ରିଜ୍‌ରେ ଗର୍ତ୍ତ, ଲୋକଙ୍କ ଜୀବନ ସହିତ ଖେଳ

ବ୍ରଜରାଜନଗର,୨୯।୯(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଦେଇ ଯାଇଥିବା ଜାତୀୟ ରାଜପଥ ଏନ୍‌ଏଚ୍ ୪୯ର ଇବନଦୀରେ ଶନିବାର ଅପରାହ୍ନରେ ବ୍ରିଜର ଅପର ପାର୍ଶ୍ୱ ପଟେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଶତାଧିକ ଯାନବାହନ ନଦୀର ଉଭୟ ପାର୍ଶ୍ୱରେ ଅଟକି ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ରିଜ୍‌ର ଗୋଟାଏ ପଟେ ଗାଡ଼ି ସବୁକୁ ଧୀରେ ଧୀରେ ପାର କରାଉଛନ୍ତି। ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ସାଧାରଣ ଜନଜୀବନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବାଧା ପ୍ରାପ୍ତ ହେଉଛି। ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି କାମ ଆରମ୍ଭ କରିଥିଲେ ମଧ୍ୟ ଏହା ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ବ୍ରିଜର ତଳ ପାର୍ଶ୍ୱ ମାଟି ଖାଇ ସାରିଛି। ନଦୀରେ ପାଣି ଆସୁଥିବାରୁ ଉପର ପଟୁ କଙ୍କ୍ରିଟ କଲେ ମଧ୍ୟ ତାହା ଧୋଇଯାଉଛି। ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ ଯେ ଏହି ବ୍ରିଜରେ ଚଳିତ ବର୍ଷ ୩ଥର ଗର୍ତ୍ତ ସୃଷ୍ଟି ହେଲାଣି। ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଗର୍ତ୍ତର ଉପର ପାର୍ଶ୍ୱରେ ମାଟି ଦେଇ ଚାଲିଯାଉଛନ୍ତି।

# ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

ଝାରସୁଗୁଡ଼ା,୨୯।୯(ସଞ୍ଜୟ ମାଳି)


ପୂଜା ପାଇଁ ଅନୁଷ୍ଠିତ ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ବୃନ୍ଦ।

**ଦୁର୍ଗାପୂଜା ଶାନ୍ତି କମିଟି ବୈଠକ**

- ପୁରୁଷ, ମହିଳା ସ୍ୱେଚ୍ଛାସେବୀ ମୁତୟନ
- ଉଚ୍ଚ ସମ୍ପନ୍ନ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବାକୁ ବାରଣ
- ଡାକବାଜି ଯନ୍ତ୍ର, ବିଦ୍ୟୁତ୍ ସଂଯୋଗ, ଭସାଣି ପାଇଁ ଲାଇସେନ୍ସ ଆବେଦନ

ଆଗାମୀ ଦୁର୍ଗାପୂଜା ପାଇଁ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ ଜିଲାପାଳ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହ ଆଗାମୀ ଦୁର୍ଗାପୂଜା ପାଳନ ସହ ସୁରକ୍ଷା ସମ୍ପର୍କିତ ସମସ୍ତ ନୀତିନିୟମ ଅନୁପାଳନ ଦିଗରେ ଆନୁସଙ୍ଗିକ ପଦକ୍ଷେପ ନେବା ଓ ଝାରସୁଗୁଡ଼ାରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଦୁର୍ଗାପୂଜା ପାଳନ କରିବା ପାଇଁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପୂଜା କମିଟି କର୍ମକର୍ତ୍ତାମାନଙ୍କ ସହଯୋଗ କାମନା କରିଛନ୍ତି। ଦୁର୍ଗାପୂଜା ଉପଲକ୍ଷେ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ତଥା ଶାନ୍ତି କମିଟି ବୈଠକରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଉପଜିଲାପାଳ ଏବଂ ତିନି ପୌରାଞ୍ଚଳର ସମସ୍ତ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ଆବଶ୍ୟକ ସ୍ଥଳେ ବ୍ୟାରିକେଡ, ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୂଜା ପାଣ୍ଡେଲଗୁଡ଼ିକରେ ସୁରକ୍ଷା ସମ୍ପର୍କିତ ସମସ୍ତ ପଦକ୍ଷେପ ଗ୍ରହଣ ପାଇଁ କମିଟିକୁ ପରାମର୍ଶ ଦିଆଯାଇଛି। ନିୟମାନୁଯାୟୀ ବିଦ୍ୟୁତ୍ ସଂଯୋଗ, ଡାକବାଜି ଯନ୍ତ୍ରବ୍ୟବହାର ଦିଗରେ କମିଟିମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପୂଜା କମିଟିଗୁଡ଼ିକ ଡାକବାଜି ଯନ୍ତ୍ର, ବିଦ୍ୟୁତ୍ ସଂଯୋଗ, ଭସାଣି ପାଇଁ ଆବଶ୍ୟକ ଲାଇସେନ୍ସ ଆବେଦନ ସହ ସମ୍ପୃକ୍ତ ଅଧିକାରୀଙ୍କ ନିକଟରୁ ଅନୁମତି ପତ୍ର ନକଲ ରଖିବାକୁ କୁହାଯାଇଛି। ସମସ୍ତ ପୂଜା କମିଟି ପୁରୁଷ ତଥା ମହିଳା ସ୍ୱେଚ୍ଛାସେବୀ ମୁତୟନ କରିବାକୁ କୁହାଯାଇଛି। ପୂଜା ସମୟରେ ବିଭିନ୍ନ ମାଦକ ଦ୍ରବ୍ୟ ଉପରେ କଟକଣା ଲାଗୁ କରାଯାଇଛି। ଆସନ୍ତା ଅକ୍ଟୋବର ୧୩ ଓ ୧୪ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର କରାଗଲା। ରାବଣ ପୋଡ଼ି ଉତ୍ସବ ଯେପରି ଶାନ୍ତିଶୃଙ୍ଖଳାର ସହ ଆୟୋଜିତ ହେବ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ଉଚ୍ଚ ସମ୍ପନ୍ନ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବାକୁ ବାରଣ କରାଗଲା। ବାଣ, ଫୋଟକା ଆଦି ଫୁଟାଇବା ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଶାନ୍ତି କମିଟି ବୈଠକରେ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ପୌର ପରିଷଦର ନିର୍ବାହୀ ଅଧିକାରୀ, ପୋଲିସ ବିଭାଗର ଅଧିକାରୀ, ଜିଲାର ସମସ୍ତ ଥାନା ଅଧିକାରୀଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସୁନ୍ଦର ସ୍ୱାସ୍ଥ୍ୟ, ପାୱାର ଲିଫ୍ଟିଂ ପ୍ରତିଯୋଗିତା

ବ୍ରଜରାଜନଗର,୨୯।୯(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପରେ ଆନ୍ତଃ କମ୍ପାନୀ ବଡ଼ିବିଲଡିଙ୍ଗ, ଓଏଟ ଏବଂ ପାୱାର ଲିଫଟିଙ୍ଗ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ପାଇଁ ଏସ୍‌ସିସିଏଲ୍‌ର ଏମ୍. ରାମକୃଷ୍ଣ ମିଷ୍ଟର କୋଲ ଇଣ୍ଡିଆ ରୂପେ ବିବେଚିତ ହୋଇଛନ୍ତି। ସେହିପରି ଷ୍ଟ୍ରଙ୍ଗମ୍ୟାନ ଭାବେ ଏମ୍‌ସିଏଲ ଦୀପଙ୍କର ଘୋଷ ଏବଂ ଷ୍ଟ୍ରଙ୍ଗ ଓମେନ ଭାବେ ଇସିଏଲର ଶ୍ରେୟା ଚାଟାର୍ଜୀ, ବେଷ୍ଟ ଲିଫ୍ଟର ଭାବେ ଏନ୍‌ସିଏଲ୍‌ର ଅନୁପ କୁମାର ହୋଇଛନ୍ତି। ଦଳଗତ ଭାବେ ଡବ୍ଲ୍ୟୁସିଏଲ ଚାମ୍ପିୟନ ଓ ରାନର୍ ଅପ ଏମ୍‌ସିଏଲ ହୋଇଛି।

ମହାନଦୀ କୋଲ କମ୍ପାନୀ ଇବଭେଲି କ୍ଷେତ୍ର ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନୀରେ ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଉଲେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କର୍ପୋରେଟ ଜେସିସି ସଭ୍ୟ କିଶୋର ପଟେଲ, ଶଙ୍କର ବେହେରା, ଦିନେଶ୍ୱର ସିଂ ରାଠୋର, ଅନିତ ଚକ୍ରବର୍ତ୍ତୀ, ଅରୁଣ ପ୍ରଧାନ, ଅକାଲୁ ରାମ, ଡାକ୍ତର ସାହୁ ଥିଲେ। ପ୍ରାରମ୍ଭରେ ଏମ୍‌ସିଏଲ କଲ୍ୟାଣ ବିଭାଗ ମହାପ୍ରବନ୍ଧକ ସନ୍ଦୀପ ସା ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଇବଭେଲି ମହାପ୍ରବନ୍ଧକ କହ୍ନେୟା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା କ୍ରିଷ୍ଟା ଦେ କରିଥିଲେ। ପ୍ରତିଯୋଗିତାରେ କୋଲ ଇଣ୍ଡିଆ ଅଧୀନରେ ଥିବା ଭାରତ ବର୍ଷର ୯ଟି କମ୍ପାନୀ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୨୧୧ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏଥିରେ ପୁରୁଷ ବିଭାଗରେ ୧୭୪ଜଣ ଓ ମହିଳା ବିଭାଗରେ ୩୭ଜଣ ଥିଲେ। ପ୍ରତିଯୋଗିତା ପରିଚାଳନା ପାଇଁ ଜାତୀୟ ରେଫରି କୀର୍ତ୍ତନ ବେହେରା, ବିକ୍ରମ ସ୍ୱାଇଁ, ସଞ୍ଜୟ ନାୟକ, ସୋମନାଥ ପଟ୍ଟନାୟକ, ସୁଦୀପ ମହାରଣାଙ୍କ ସମେତ ରାଜ୍ୟସ୍ତରୀୟ ରେଫରି ବାସୁଦେବ ବାନାର୍ଜୀ, ମନୋଜ ନାୟକ, ନକୁଳ ଶର୍ମା, ଡିଲେଶ୍ୱର ସାହୁ, ସୌମ୍ୟ ମହାନ୍ତି, ବନାନୀ ବିଶ୍ୱାସ, ବ୍ରଜକିଶୋର ମେହେର, ସନ୍ତୋଷ ଗଡ଼ିଆ, ଅରୁଣ ପ୍ରଧାନ, ଏସକେ ମୁସ୍ତାକ ଓ ସେଭେଷ ମାରୁ। ପରିଚାଳନାରେ ଏରିଆ କର୍ମିକ ପ୍ରବନ୍ଧକ ସୁକାନ୍ତ ସେଠୀ, କର୍ମିକ ପ୍ରବନ୍ଧକ ଅଶୋକ ପଣ୍ଡା, କର୍ମିକ ପ୍ରବନ୍ଧକ ପ୍ରକାଶ ସୋନି ମହେଶ୍ୱର ଗୌଡ଼, ବଂଶୀ କ୍ରିଷ୍ଣା, ସମୀର ବାରିକ, ଦିନେଶ ସା, ସୁବାସ ପ୍ରଧାନ, ଭଜନ ବିଶି ସହଯୋଗ କରିଥିଲେ। ମ୍ୟାନେଜର ଆଶୋକ ପଣ୍ଡା, ବାମଶି କ୍ରିଷ୍ଣା, ଏସୋ ମାଇନିଙ୍ଗ, ରାଜେଶ ସରମା, ଡେପୁଟି ମ୍ୟାନେଜର ଅନିଲ କୁମାର, ବିଜୁ ପଟେଲ, ମୌସୁମୀ ପଣ୍ଡା, ଇନ୍ଦ୍ରାଣୀ ଡିଲା, ବିଶ୍ୱନାଥ ସାହୁ, ସମିରଞ୍ଜନ ବାରିକ, ଭଜନ ବିଶି, ଦିନେଶ ଦାସ, ସୁବାଷ ପ୍ରଧାନ, ରବି ରୋହିଦାସ, ରିଶପ ଖାରେ, ସଚିନ ଚରଣ ଯାଦବ, ସୋନାଲ ତ୍ରିବେଦି ପ୍ରମୁଖ ସହଯୋଗ କରିଥିଲେ।

### ଜାତୀୟ ସେବା ଯୋଜନା ଦିବସ ପାଳିତ

ଝାରସୁଗୁଡ଼ା,୨୯।୯(ସଞ୍ଜୟ ମାଳି)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକସ୍ଥିତ ପଞ୍ଚାୟତ ସମିତି ସ୍ୱାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଡ଼ା. ନରେଶ କୁମାର ସାହୁଙ୍କ ଆହ୍ୱାନରେ ଏକ ସଭା ହୋଇଥିଲା। ଅନୁଷ୍ଠିତ ସଭାକୁ ଶିକ୍ଷା ଅଧ୍ୟାପିକା ଗୁଣିକା ମାଖାଡ଼ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ସୁଶୀଲ କୁମାର ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସହ ସମାଜ ସେବା ପ୍ରତି ମନୋନିବେଶ କରିବାକୁ ଆହ୍ୱାନ ଦେଇଥିଲେ। କଲେଜ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଅଧ୍ୟାପିକା ସନ୍ଧ୍ୟାରାଣୀ ପୂଜାରୀ, ଅଧ୍ୟାପକ ସରୋଜ କୁମାର ପଟେଲ, ଲବ ପ୍ରଧାନ, ସୁମନ୍ତ ପଟେଲ ପ୍ରମୁଖ ଯୋଗଦେଇଥିଲେ।

# ତ୍ରି ଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

ଦେବଗଡ଼,୨୯।୯(ଶଶାଙ୍କ ଶେଖର ଝାଙ୍କର)

ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ବ୍ଲକସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ଉକ୍ତ କର୍ମଶାଳା ଅପୂର୍ବ ଉଚ୍ଚ ବିଦ୍ୟାଳୟ ସୁଗୁଡା, ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତିଲେଇବଣି, ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଢୋଲପଡା, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରପୋଷିଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବ୍ଲକର ମୋଟ ୧୬୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ପ୍ରଶିକ୍ଷଣର ତିନି ଦିନ ମଧ୍ୟରେ ଶିକ୍ଷକମାନଙ୍କ ବିକାଶାତ୍ମକ ମନୋବୃତ୍ତି, ସାମାଜିକ, ଆବେଗିକ ଶିକ୍ଷା, ବିଦ୍ୟାଳୟରେ ହାଉସ ସିଷ୍ଟମ, ଅନ୍ତର୍ନିବେଶି ଶିକ୍ଷା, ବସ୍ତାନି ବିହୀନ ପାଠ ପଢ଼ା ଦିବସ, ବର୍ଣ୍ଣାଳୀ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ମାସିକ ପାଠ୍ୟ ଯୋଜନା, ସାଇବର ସୁରକ୍ଷା, ସାମାଜିକ ଗଣମାଧ୍ୟମର ବ୍ୟବହାର, ବିଦ୍ୟାଳୟ ନିରାପତ୍ତା ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ପାଠ୍ୟକ୍ରମ ଉପରେ ସାଧନ କର୍ମୀମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଶିବିର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ଼, ବିଦ୍ୟାଧର ସାହୁ, ସୁଶାନ୍ତ କୁମାର ସାହୁ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଆକାଉଣ୍ଟାଣ୍ଟ ରଞ୍ଜନ କୁମାର ନାୟକ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମନୋବଳ ବୃଦ୍ଧି କରିବାରେ ସହାୟକ ହୋଇଥିଲେ। ଶିବିର ସିଆରସିସି ପ୍ରାଣବନ୍ଧୁ ଘଡେଇ, ଉଦୟନାଥ ପ୍ରଧାନ, ଅଶୋକ କୁମାର ସାହୁ, ଭେନସ କୁମାର ପ୍ରଧାନ, ଅଶୋକ କୁମାର ଭୋଇ, ମହାବୀର ନାୟକ, ରାଜେଶ କୁମାର ନାୟକ, ବିପିନ ଚନ୍ଦ୍ର ଅଡା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଧାନପାଟ ଜଳପ୍ରପାତରେ ସଫେଇ କାର୍ଯ୍ୟକ୍ରମ




ଦେବଗଡ଼,୨୯।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସ୍କିଲ ଇଣ୍ଡିଆ ପକ୍ଷରୁ ପ୍ରଧାନପାଟ ଜଳପ୍ରପାତରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଦେବଗଡ ସ୍କିଲ ଇଣ୍ଡିଆ ମେନେଜର ମାନସ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନପାଟ ଜଳପ୍ରପାତରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱକର୍ମାର ଜିଲା ମେମେଜର ଅଭିନାଶ ଗଙ୍ଗଦେବ, ସ୍ୱଚ୍ଛତା କର୍ଡିନେଟର ଆଲୋକ କୁମାର ଦ୍ୱିବେଦୀ, ସୁନୀଲ ପାଣି, ସଂଜିତ୍ ବେହେରା, ବିଜୟ ମହାକୁଲ, ରିତେଶ ନାୟକ, ରିତେଶ ବେହେରା, ସୁଦୀପ୍ତ ଦାଶଙ୍କ ସମତେ ଅନ୍ୟ ସଦସ୍ୟମାନେ ପ୍ରମୁଖ ସହଯୋଗ କରିଥିଲେ।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ଦେବଗଡ଼,୨୯।୯(ଶଶାଙ୍କ ଶେଖର ଝାଙ୍କର)

ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ସାହୁଙ୍କୁ ତିଲେଇବଣି ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ରବିବାର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତିଲେଇବଣି ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ସାହୁ, ସୁଶାନ୍ତ କୁମାର ସାହୁ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ତିଲେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଞ୍ଚାନନ ନାଏକ ପ୍ରମୁଖ ଉପସ୍ଥିତ ରହି ଅବସରଗ୍ରହଣ କରିବାକୁ ଯାଉଥିବା ସାହୁଙ୍କ ଗୁଣାବଳୀ ସ୍ମରଣ କରିବା ସହ ଉପଢୌକନ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭା କାର୍ଯ୍ୟ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବା ବେଳେ ଟାଇଁସର ସିଆରସିସି ଭେନସ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ, କାର୍ଯ୍ୟାଳୟ ସହାୟକ ଅରୁଣ କୁମାର ଗଡ଼ନାୟକ, ବୃନ୍ଦାବନ ପ୍ରଧାନ, ଏମଆଇସ ସୁମନ ମହାନ୍ତି, ଆକାଉଣ୍ଟାଣ୍ଟ ରଞ୍ଜନ କୁମାର ନାୟକ, ହରିହର ମହାପାତ୍ରଙ୍କ ସହ ୧୬ କ୍ଲଷ୍ଟର ସିଆରସିସି କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ପଞ୍ଚଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା**

# ପୁରୁଣାପାଣି ଫୁଟ୍‌ବଲ ଦଳ ଚାମ୍ପିୟନ

ଦେବଗଡ଼,୨୯।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୋଲାବନ୍ଧ ଗ୍ରାମପଞ୍ଚାୟତ ସଦର ମହକୁମାରେ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲାର ଫପଣ୍ଡ ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ପରାସ୍ତ କରି ପୁରୁଣାପାଣି ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ରାକେଶ ଦାଶ, ପଞ୍ଚୁ ସାହୁ ଓ ଶିବୁ ସାହୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜକ ରାଧାକୃଷ୍ଣ କ୍ଲବ ସଭାପତି ଅଜୟ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ଚାମ୍ପିୟନ ପୁରୁଣାପାଣି ଫୁଟବଲ ଦଳ ଓ ରନର୍ ଅପ ଫପଣ୍ଡ ଫୁଟବଲ ଦଳକୁ ଟ୍ରଫି ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଲାବନ୍ଧ ଗ୍ରାମ ପଞ୍ଚାୟତ ସରପଞ୍ଚ ରୀନାରାଣୀ ସାହୁ, ନାଏବ ସରପଞ୍ଚ ସତ୍ୟବାଦୀ ପ୍ରଧାନ, ଗିରିଧାରୀ ପ୍ରଧାନ ଓ ରୋହିତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ କ୍ଲବ ସମ୍ପାଦକ ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ଝୁମ୍ପୁରା ଫୁଟ୍‌ବଲ ଟିମ୍ ଚାମ୍ପିୟନ

ଦେବଗଡ଼,୨୯।୯(ଶଶାଙ୍କ ଶେଖର ଝାଙ୍କର)

**ତ୍ରି ଦିବସୀୟ ଫୁଟବଲ ପ୍ରତିଯୋଗିତା**

ଦେବଗଡ଼ ଜିଲା ବାରକୋଟ ବ୍ଲକ ମରଡଙ୍ଗ ଗ୍ରାମ ଖେଳ ପଡିଆଠାରେ ରାଧାକୃଷ୍ଣ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡଁରା ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୭-୬ ଗୋଲରେ ପରାସ୍ତ କରି ଝୁମ୍ପୁରା ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ରେଫରୀ ଭାବେ ପଦ୍ମ ଚରଣ ଗୁରୁ, ସୁଜିତ ବାରିକ ପ୍ରଶାନ୍ତ ମୁଣ୍ଡା, ସଙ୍ଗମ ପଟେଲ, ରିଙ୍କୁ ସିଂ, ସୁବାସ ମୁଣ୍ଡା, ଆରତୀ ମହାନ୍ତି, ରାନୀ ଓ କାଲା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଫକୀର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ରାଧାକୃଷ୍ଣ ଫୁଟବଲ ଆସୋସିଏଶନ ସଭାପତି ଜୟପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିୟନ ଝୁମ୍ପୁରା ଓ ରନର୍ ଅପ ଡଁରା ଦଳକୁ ଟ୍ରଫି ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ୬-୦ ଗୋଲରେ ଝାରସୁଗୁଡ଼ା ବିଜୟୀ

ଝାରସୁଗୁଡ଼ା,୨୯।୯(ସଞ୍ଜୟ ମାଲି)

ହକି ଆସୋସିଏଶନ ଓଡ଼ିଶା ପକ୍ଷରୁ ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତୃତୀୟ ଅଲ ଓଡିଶା ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଛି। ଶନିବାର ସକାଳ ୬ଟାରେ ପ୍ରଥମ ମ୍ୟାଚ ଝାରସୁଗୁଡ଼ା ଓ ପୁରୀ ଜିଲା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୬-୦ ଗୋଲରେ ପୁରୀ ଜିଲାକୁ ପରାସ୍ତ କରି ଝାରସୁଗୁଡ଼ା ବିଜୟୀ ହୋଇଛି। ଦଳ ପକ୍ଷରୁ ସିଷ୍ଟିରାଣୀ ଟପୋ ଖେଳର ପ୍ରଥମ କ୍ୱାର୍ଟରେ ୨ ମିନିଟରେ ଗୋଲ ଏବଂ ଖେଳର ୬ ମିନିଟରେ ଓ ୧୫ ମିନିଟରେ ମନିଶା ବାର୍ଲା ୨ଟି ଗୋଲ ଦେଇଥିଲେ। ୨ୟ ଭାଗରେ ପୁରୀ ଦଳ ଚାପ ସୃଷ୍ଟି କରିଥିଲେ। କିନ୍ତୁ ଝାରସୁଗଡ ଦଳର ଖେଳାଳି ଗୋଲ କରବାକୁ ସୁଯୋଗ ଦେଇ ନ ଥିଲେ। ୨ୟ ଭାଗର ଆନନ୍ଦିନୀ କେରକେଟା ୧୭ ମିନିଟ ଓ ୧୯ ମିନିଟରେ ୨ଟି ଗୋଲ ଦେଇଥିବା ବେଳେ ଖେଳର ଶେଷରେ ମିନିଟରେ ନିଲମ ଲକ୍ଷ୍ମୀ ପ୍ରଧାନ ଗୋଲଦେଇ ଝାରସୁଗୁଡ଼ା ଜିଲାକୁ ୬-୦ ଗୋଲରେ ବିଜୟୀ କରାଇଥିଲେ। ଏହି ଦଳରେ ରାଜେଶ୍ୱରୀ ନାୟକ ଦଳପତି ରହିଥିବା ବେଳେ ଉପଦଳପତି ନିଲମ ଲକ୍ଷ୍ମୀ ପ୍ରଧାନ, ଅଞ୍ଜନା ମିଞ୍ଜ, ସ୍ୱାତୀ ସାଲିଲା ଓରାମ, ମନିଶା ବାଲ୍ଲା, ଅନିମା ମିଞ୍ଜ, ମଲିକା ବାଲ୍ଲା, ସୁଷମା ଓରାମ, ସାବିନା ଓରାମ, ସାଗରିକା ଖଡିଆ, ଆତ୍ରା ଲାକ୍ରା, ଆସ୍ମରାଣୀ କୁଲୁ, ଅନନ୍ୟା ଏକ୍କା, ଆନନ୍ଦିତ କେରକେଟା, ମାନସି ଟପୋ, ସିଷ୍ଟିରାଣୀ ଟପୋ, ଦଳର ମ୍ୟାନେଜର ଭାବେ ବଳବନ୍ତ ପାଲ ଓ ଦଳର କୋଚ ଭାବେ ସୁନିତା ସିଂ ରହିଛନ୍ତି। ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସ୍ମିତ ପି.ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଓଡ଼ିଶା ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି ଓ ବରିଷ୍ଠ ସଭ୍ୟ ପ୍ରଜ୍ଜଳ ପଟେଲ, ଅଶ୍ୱିନୀ ପାଣ୍ଡେ, ସୁଶାନ୍ତ ବେହେରା, ଗଣେଷ ନାୟକ, ଜିଲା କ୍ରୀଡ଼ା ଅଧିକାରୀ ସୁଶିଲ କୁମାର ମିଶ୍ର, ବିଜୟ ବେହେରା, ସିମନ ବରୁଆ, ଜ୍ୟୋତି ଲାଟ, ସଙ୍ଗିତା ରୋଜ କୁଲୁ, ରୀନା ତ୍ରିର୍କି ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଜୟୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।


ବିଜୟୀ ଝାରସୁଗୁଡ଼ା ଟିମ୍‌ର ଖେଳାଳିମାନେ।

**ଆନ୍ତଃ ଜିଲା ହକି ପ୍ରତିଯୋଗିତ**

## ସଂକ୍ଷେପରେ

### ସାରଗାଡ଼ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଲୋଇସିଂହା,୨୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସାରଗାଡ଼ ଗ୍ରାମର ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ନେହେରୁ ଯୁବାକେନ୍ଦ୍ର ନିର୍ଦ୍ଦେଶ କ୍ରମେ ଅନୁଷ୍ଠାନର ସଭାପତି ରାଜକିଶୋର ସେଠ,ସମ୍ପାଦକ ନାରାୟଣ ବାରିକ , ନରସିଂହ ସାହୁ, ବିମଳ ବାରିକ, ଯୋଗେଶ୍ୱର ସାହୁଙ୍କ ନେତୃତ୍ୱରେ ଗ୍ରାମର ଯୁବଗୋଷ୍ଠୀଙ୍କୁ ନେଇ ଗ୍ରାମର ଜଗନ୍ନାଥ ମନ୍ଦିର, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ପୋଖରୀ,କ୍ଲବ ରାସ୍ତା ଏବଂ ବସ୍ତିର ବିଭିନ୍ନ ଅଞ୍ଚଳ ସଫେଇ କରାଯାଇଥିଲା ।

### ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତ ବୈଠକ

ଗୁଡଭେଲା,୨୯।୯(ମନୋଜ କୁମାର ଜୈନ)

ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଦିନ ଭାଜପା ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ ପାଇଁ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ସଭାଗୃହରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଜନପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ସଂକୀର୍ତ୍ତନର ପୁନଃରୁଦ୍ଧାର ଜରୁରୀ

**କପିଲାଭଟାରେ କୀର୍ତ୍ତନ ଧାରା କାର୍ଯ୍ୟକ୍ରମ**

ମୁରିବାହାଲ,୨୯।୯(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମରେ ଶୁକ୍ରବାର ରାତିରେ କୀର୍ତ୍ତନ ଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କପିଲାଭଟା ସାମାଜିକ କର୍ମୀ ତେଜରାଜ ଭୋଇ, ସମିତି ସଭ୍ୟ କେଦାର ଭୋଇ, ମା' ସାହାଜୀ ଯୁବକ ସଂଘ ସଂଯୋଜକ ପୃଥ୍ୱିରାଜ ବାଗ, ନାଏବ ସରପଞ୍ଚ ଝସକେତନ ସାହୁ, ହୁଲେଶ୍ୱର ହଂସ ଯୋଗ ଦେଇଥିଲେ। ଅଞ୍ଚଳରେ ସଂକୀର୍ତ୍ତନକୁ ପୁନଃରୁଦ୍ଧାର କରିବା ପାଇଁ ମତପ୍ରକାଶ ପାଇଥିଲା। ପରିଚିତ ଗାୟକ ରାସବିହାରୀ ଘିବେଲା, ମହାଦେବ ସୁନାନୀ, ବିକାଶ ଖମାରୀ, ପ୍ରଶାନ୍ତ ପଶାୟତ, ଅଭିମନ୍ୟୁ ମାଝୀ କଳା ପରିବେଷଣ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମି ଉଠିଥିଲେ। ସଙ୍ଗୀତା ହଂସ, ଜେମାମଣି ପୁଞ୍ଜି, ମମତା ବିଶି, ଭୁଜାଙ୍ଗିନୀ ହଂସ, ଶଶୀ ହଂସ, ସବିତା ନାଏକ, ସୁମିତ୍ରା ଚିରାଗୁନ, ଲିଲି ହଂସ, ଅଶୋକ କୁମାର ବିଶି, ପ୍ରେମଲାଲ ହଂସ, ନରଫଲ ହଂସ, ପ୍ରଫୁଲ୍ଲ ବିଶି, ହରିହର ବିଶିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# 'ଚାକିରୀ ସ୍ଥାୟୀ କର'

ବଲାଙ୍ଗୀର,୨୯।୯(ବୀରେନ୍ଦ୍ର କୁମାର ଝାଙ୍କର)



ଓଡିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ସାଧାରଣ ବୈଠକରେ ମଞ୍ଚାସୀନ ରାଜ୍ୟ ଓ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା।

**ସରକାରୀ ଆଉଟସୋର୍ସିଂ କର୍ମଚାରୀ ସାଧାରଣ ବୈଠକ**

- ସରକାରୀ ମାନ୍ୟତା ଶୀଘ୍ର ନ ଦେଲେ ଆନ୍ଦୋଳନ ହେବ ଜୋରଦାର
- ଆଉଟ୍‌ସୋର୍ସିଂ ବ୍ୟବସ୍ଥାରେ କର୍ମଚାରୀଙ୍କୁ ଅସମ୍ମାନ କରାଯାଉଛି

ଓଡିଶା ରାଜ୍ୟ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ରବିବାର ବଲାଙ୍ଗୀର ସାମ୍ବାଦିକ ଭବନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମହାସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଜିଲାସ୍ତରୀୟ ମହାସଂଘ ସଦସ୍ୟାସଦସ୍ୟଙ୍କ ଆଲୋଚନା ହୋଇଥିଲା। ଆଉଟ୍‌ସୋର୍ସିଂ ଭଳି କୁତ୍ସିତ ବ୍ୟବସ୍ଥା ଶୀଘ୍ର ହଟାଇ ତୁରନ୍ତ ସମସ୍ତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଚାକିରୀ ସ୍ଥାୟୀ ଘୋଷଣା କରି ପୂର୍ଣ୍ଣକାଳୀନ ଦରମା ଓ ସରକାରୀ ସହାୟତା ପ୍ରଦାନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ମହାସଂଘ ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ସଭାପତି ସଞ୍ଜୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ମାନସ ଦାସ, ମହାସଚିବ ହେମନ୍ତ ବସ୍ତିଆ, ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ପାଣି, ସେହେଜୁର ରେହମାନ, ଜିଲା ସଂଘ ଉପଦେଷ୍ଟା ହେମନ୍ତ ପଣ୍ଡା, ଜିଲା ସଭାପତି ରାଜେଶ ଝାଙ୍କର, ସମ୍ପାଦକ ଚଞ୍ଚଳ ମିଶ୍ର ମଞ୍ଚାସୀନ ଥିଲେ। ବୈଠକରେ ରାଜ୍ୟରେ କେଉଁ ପରିସ୍ଥିତିରେ ଆଉଟ୍‌ସୋର୍ସିଂ ନିଯୁକ୍ତି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ଏବଂ ଏହି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ କିଭଳି ବିଭିନ୍ନ ସମୟରେ ଶୋଷଣ କରାଯାଇ ଆସୁଛି ସେନେଇ ଆଲୋଚନା ହୋଇଥିଲା। ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ ୨୪ ବର୍ଷର ବିଜେଡି ସରକାର କିଭଳି ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିଲେ ଆଲୋଚନା କରାଯାଇଥିଲା। ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ପୂର୍ବରୁ ବିରୋଧୀ ଦଳ ମୁଖ୍ୟ ସଚେତକ ଥିବା ବେଳେ ଏହି ଅସହାୟ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଉଭୟ ବିଧାନସଭା ଭିତରେ ଓ ବିଧାନସଭା ବାହାରେ ଦୃଢ ଦାବି ଉପସ୍ଥାପନ କରିଥିଲେ। ଆଜି ସେ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏଣୁ ସେ ତୁରନ୍ତ ସୁବିଚାର କରି ଆଉଟସୋର୍ସିଂ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ବୈଠକରେ ନିବେଦନ କରାଯାଇଥିଲା। ମହାସଂଘର କର୍ମକର୍ତ୍ତାମାନେ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡ଼େଲି ୱେଜେସ କର୍ମଚାରୀଙ୍କୁ ଆଉଟ ସୋର୍ସିଂ କର୍ମଚାରୀମାନଙ୍କ ଭଳି ସମାନ ସୁବିଧା ପ୍ରଦାନ କରିବା ସହ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ଦରମା ସହିତ ଚାକିରୀର ନିରାପତ୍ତା ପାଇଁ ନିବେଦନ କରାଯାଇଛି। ମହାସଂଘର ଦାବିପ୍ରତି ସରକାର ଶୀଘ୍ର ବିହିତ ପଦକ୍ଷେପ ନେଇ ସବୁଦିନ ପାଇଁ ଏଭଳି କୁତ୍ସିତ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ନିବେଦନ କରାଯାଇଛି। ବୈଠକ ପରିଚାଳନାରେ ଜିଲା ସଂଘ ଉପସଭାପତି ଦିଲୀପ ସାହୁ, ସହସମ୍ପାଦକ ସୁନୀଲ ମିଶ୍ର, ସତ୍ୟାନନ୍ଦ ସେଠ, ନିରୋଜ ମିଶ୍ର, ଆଶୁତୋଷ ବେହେରାମାଳି, ଅଭିଳାଷ ମିଶ୍ର, ଲକ୍ଷ୍ମଣ ସାହୁ, ବିଜୟ ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଅସୁସ୍ଥ ଓଟକୁ ଛାଡ଼ି ପଳାଇଲା ମାଲିକ

ବଲାଙ୍ଗୀର,୨୯।୯(ବୀରେନ୍ଦ୍ର କୁମାର ଝାଙ୍କର)



- ଛଟପଟ ହୋଇ ମରିଗଲା ଓଟ
- ପଶୁ ଠାରୁ ବଳିଗଲା ମଣିଷର ପାଶବିକତା
- ସ୍ୱେଚ୍ଛାସେବୀଙ୍କ ଆପ୍ରାଣ ଉଦ୍ୟମ ବିଫଳ

ଜୀବନ ସାରା ଓଟ ପିଠିରେ ବସାଇ ଟଙ୍କା କମାଇ ଥିବା ମାଲିକ ଶେଷରେ ପୋଷା ଅସୁସ୍ଥ ଓଟକୁ ବଲାଙ୍ଗୀର ରାଜରାସ୍ତାରେ ଅସହାୟ ଅବସ୍ଥାରେ ଛାଡି ଫେରାର ମାରିବା ଘଟଣା ହଇଚଇ ସୃଷ୍ଟି କରିଛି। ଅସୁସ୍ଥ ଓଟଟି ଦୀର୍ଘ ଘଣ୍ଟା ଧରି ଛଟପଟ ହେବା ପରେ ମୃତ୍ୟୁବରଣ କରିବା ଦୃଶ୍ୟ ଅନେକଙ୍କୁ ବିଚଳିତ କରିଛି। ଶନିବାର ରାତିରୁ ବଲାଙ୍ଗୀର ବ୍ରାହ୍ମଣପଡାସ୍ଥିତ କରଙ୍ଗାକଟା ହିଡ ଉପରେ ଏକ ଅସୁସ୍ଥ ଓଟକୁ ଛାଡି ତାର ମାଲିକ କୁଆଡେ ଫେରାର ହୋଇଯାଇଥିଲା। ରବିବାର ସକାଳେ ଓଟଟି ସେଠାରେ ପଡି ରହି ଜୀବନ ସହ ସଂଘର୍ଷ କରୁଥିବା ଦେଖି ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରଶାନ୍ତ ମହାକୁର ପଶୁପକ୍ଷୀଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା କର୍ତ୍ତବ୍ୟ ଫାଉଣ୍ଡେଶନ ଏବଂ ବଲାଙ୍ଗୀର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ସୂଚନା ଦେଇଥିଲେ। କର୍ତ୍ତବ୍ୟ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ କାହ୍ନା ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଛଟପଟ ହେଉଥିବା ଓଟର ଚିକିତ୍ସା ପାଇଁ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ଯୋଗଯୋଗ କରିଥିଲେ। ବହୁ ଉଦ୍ୟମ ସତ୍ତ୍ୱେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଓଟଟି ମୃତ୍ୟୁବରଣ କରିଥିଲା। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଗୁଜରାଟ ଅଞ୍ଚଳରୁ ଅନେକ ମାଲିକ ଓଟ, ଗଧ ଓ ଘୋଡା ନେଇ ଏହି ଅଞ୍ଚଳକୁ ଆସିଥାନ୍ତି। ଏଠାକାର ପିଲାଛୁଆ ତଥା ଲୋକଙ୍କୁ ମରୁଭୂମିର ଜାହାଜ କୁହାଯାଉଥିବା ଓଟ ପିଠିରେ ବସାଇ ମାଲିକ ବେଶ୍ କିଛି ଟଙ୍କା ରୋଗଜାର କରିଥାନ୍ତି। ତେବେ କିଛିବର୍ଷ ହେଲା କେତେଜଣ ମାଲିକ ଅସୁସ୍ଥ ଓ ବୟସ୍କ ଓଟକୁ ଆଣି ଏଭଳି ଖଟାଇବା ପରେ ଏଠାରେ ଅସହାୟ ଅବସ୍ଥାରେ ଛାଡି ଦେଇ ଫେରାର ମାରିବା ଭଳି ଘଟଣା ଘଟୁଛି। ଅସୁସ୍ଥ ଓଟଟି ମୃତ୍ୟୁବରଣ କରିବା ପରେ କାହ୍ନା ଶତପଥୀଙ୍କ ନେତୃତ୍ୱରେ ସହର ଉପକଣ୍ଠ ବିଜାଖମନ ଜଙ୍ଗଲ ଭିତରେ ତାକୁ ପୋତି ଦିଆଯାଇଛି। ପ୍ରାଣୀଧନ ଉପନିର୍ଦ୍ଦେଶକ ଜଳଧର ପ୍ରଧାନ ଘଟଣାସ୍ଥଳକୁ ଆସି ଅସୁସ୍ଥ ଓଟର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଜେସିବି ପଠାଇ ମୃତ ଓଟକୁ ଉଠାଇବା ବ୍ୟବସ୍ଥା କରିଥିବା ଜଣାପଡିଛି। ପାର୍ବଣ, ଯାନିଯାତ୍ରା ସମୟରେ ଓଟ, ଘୋଡା, ଗଧ ଭଳି ପୋଷା ପଶୁଙ୍କୁ ଟଙ୍କା କମାଇବା ପାଇଁ ନ ଆଣିବା ଦିଗରେ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବୀ ଶତପଥୀ ଓ ମହାକୁର ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଖଇରପଲ୍ଲୀରୁ ନୂଆଦିଲ୍ଲୀ ପୁସ୍ତକ, ଟ୍ରଷ୍ଟ ଲୋଗୋ ଉନ୍ମୋଚିତ



ଖଇରପଲ୍ଲୀରୁ ନୂଆଦିଲ୍ଲୀକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଅନ୍ୟ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

ବଲାଙ୍ଗୀର,୨୯।୯(ବୀରେନ୍ଦ୍ର କୁମାର ଝାଙ୍କର)

**ପଦ୍ମଶ୍ରୀ ନରସିଂହ ଗୁରୁଙ୍କ ଆତ୍ମଜୀବନୀ ଉନ୍ମୋଚନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ବଲାଙ୍ଗୀର ପତିତପାବନ ଏକାଡେମୀ ହଲଠାରେ ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କ ଆତ୍ମଜୀବନୀ ଖଇରପଲ୍ଲୀରୁ ନୂଆଦିଲ୍ଲୀ ପୁସ୍ତକ ଏବଂ କୋଶଲୀ ସାହିତ୍ୟ ସଂସ୍କୃତି ବିକାଶ ପରିଷଦ ଟ୍ରଷ୍ଟ ଲୋଗୋ ଉନ୍ମୋଚିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ପରିଷଦ ଟ୍ରଷ୍ଟ ସଭାପତି ନାମଯଜ୍ଞ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବର୍ଷିଆନ ଲେଖକ ପଦ୍ମଶ୍ରୀ ଗୁରୁ, ଲେଖିକା ରାସେଶ୍ୱରୀ ମିଶ୍ର, ଅତିଥି ବକ୍ତା ଗୋରେଖନାଥ ସାହୁ ମଞ୍ଚାସୀନ ହୋଇଥିଲେ। ସଭାକୁ ବୀରେନ୍ଦ୍ର ବନ୍‌ଛୋର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଟ୍ରଷ୍ଟର ସୁଶାନ୍ତ ବାଗ ଆବାହନୀ ଗୀତ ପରିବେଷଣ କରିଥିଲେ। ସମ୍ପାଦକ ମଧୁସୂଦନ ଦାଶ ସମ୍ପାଦକୀୟ ବିବରଣୀ ରଖିଥିଲେ। କୋଶଲୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଉନ୍ନତି ଦିଗରେ ଏହି ଟ୍ରଷ୍ଟ କାମ କରିବ ବୋଲି ସୂଚନା ଦିଆଯାଇଥିଲା। ମୁଖ୍ୟଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ପଦ୍ମଶ୍ରୀ ଗୁରୁଙ୍କ ନିରଳସ ସାହିତ୍ୟ ସାଧନା କିଭଳି କୋଶଲୀ–ସମ୍ବଲପୁରୀ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସହ ଓଡିଆ ଅସ୍ମିତାକୁ ସମୃଦ୍ଧ କରିଛି କହିଥିଲେ। ଓଡିଆ ଅସ୍ମିତା ପାଇଁ ଭାଜପା ସରକାର ୨୦୦ କୋଟିର କର୍ପସ ପାଣ୍ଠି ପ୍ରଦାନ କରିଥିବା ସୂଚନା ଦେଇଥିଲେ। ବକ୍ତା ସାହୁ କୋଶଲାଞ୍ଚଳ ପ୍ରତି ସରକାରୀ ଉଦାସୀନତା ଏବଂ କୋଶଲୀ ଭାଷା ସାହିତ୍ୟ ଉପରେ ହେଉଥିବା ଅନ୍ୟାୟ ଉପରେ କହିଥିଲେ। ସଭାରେ ବୀରେନ୍ଦ୍ର କୁମାର ଝାଙ୍କର ଉନ୍ମୋଚିତ ପୁସ୍ତକ ଖଇରପଲ୍ଲୀରୁ ନୂଆଦିଲ୍ଲୀ ଉପରେ ସମୀକ୍ଷା କରିଥିଲେ। ଏହି ପୁସ୍ତକରେ ପଦ୍ମଶ୍ରୀ ଗୁରୁଙ୍କ ଦୀର୍ଘ ୯୨ ବର୍ଷର ଜୀବନ ଯାତ୍ରା, ତାଙ୍କ ସଂଘର୍ଷ ଓ ସଫଳତା କଥା ସହ ଆମ ଅଞ୍ଚଳର ସାମାଜିକ, ସାଂସ୍କୃତିକ, ରାଜନୈତିକ ଏବଂ ଜନଜୀବନର ଉଲ୍ଲେଖ ହୋଇଛି। ସଭାରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଏବଂ ଜନସାଧାରଣ ଯୋଗଦାନ କରିଥିଲେ।

### ପର୍ଯ୍ୟଟନସ୍ଥଳୀ ଭୀମପାହାଡ଼ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଦେଓଗାଁ,୨୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡଠାରେ ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ସାଲେପାଲି ପଞ୍ଚାୟତ ସମତିସଭ୍ୟ ଲକ୍ଷ୍ମଣ କୁମାର ମେହେର, ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ , ସମିତି ସଭ୍ୟ ଅଭିମନ୍ୟୁ ମାଝି ଯୋଗ ଦେଇଥିଲେ। ରାଜ୍ୟ ସରକାର ନିର୍ଦ୍ଦେଶନାମା ଅନୁସାରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ବ୍ଲକ ଓ ପଞ୍ଚାୟତ ସ୍ତରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳିତ ହେଉଛି। ଏହି କ୍ରମରେ ଦେଓଗାଁ ବ୍ଲକ କାର୍ଯ୍ୟାଳୟ ତରଫରୁ ଭୀମଡୁଙ୍ଗୁରୀଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଜନସାଧାରଣ, ଅଙ୍ଗନୱାଡି କର୍ମୀ, ସ୍ୱଂୟ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ ।



## ଜିଲାସ୍ତରୀୟ ଆଥଲେଟିକ ମିଟ୍ ପାଇଁ ପ୍ରସ୍ତୁତି ବୈଠକ



ଶାରୀରିକ ଶିକ୍ଷା ନିରୀକ୍ଷକ ଷ୍ଟାଡିୟମ ପରିଦର୍ଶନ କରି ଆଲୋଚନା କରୁଛନ୍ତି।

ଲୋଇସିଂହା,୨୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାରେ ଆସନ୍ତା ମାସରେ ଜିଲା ବିଦ୍ୟାଳୟସ୍ତରୀୟ ଆଥଲେଟ ମିଟ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ କୁମାର ପାତ୍ରଙ୍କ କ୍ଷେତ୍ର ପରିଦର୍ଶନ ଏବଂ ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ପାତ୍ର, ବିଇଓ ରୀନା କୁମାରୀ ବେହେରା ଏବଂ ବ୍ଲକର ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ କ୍ରୀଡା ଶିକ୍ଷକ, ପିଆଇ ଯୋଗ ଦେଇଥିଲେ । ଅକ୍ଟୋବର ୨୨,୨୩,୨୪ ତାରିଖ ତିନି ଦିନ ଧରି ଏହି ଆଥଲେଟିକ ମିଟ୍ ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ଏହି ପ୍ରତିଯୋଗିତାରେ ୩୫୦ ଜଣ ଛାତ୍ରୀଛାତ୍ର ଭାଗ ନେବେ। ଏହାକୁ ପରିଚାଳନା କରିବା ପାଇଁ ୬୦ ଜଣ ଦକ୍ଷ କ୍ରୀଡା ଶିକ୍ଷକ, ଗାଇଡ୍ ଶିକ୍ଷକ, ଅଫିସିଆଲ ଷ୍ଟାଫ୍ ଆଦି ସାମିଲ ହେବେ । ବୈଠକ ପୂର୍ବରୁ ବ୍ଲକ କ୍ରୀଡା ଶିକ୍ଷକ ସଂଘ ସଦସ୍ୟଙ୍କ ସହ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ପାତ୍ର ଏବଂ ବିଇଓ ବେହେରା ହରେକୃଷ୍ଣ ମହତାବ ହାଇସ୍କୁଲ ଖେଳପଡିଆ ଏବଂ ଲୋଇସିଂହା ଷ୍ଟାଡିୟମ କ୍ଷେତ୍ର ପରିଦର୍ଶନ କରିଥିଲେ।

## ସଙ୍ଗଠିତ ହୋଇ ଚାଷ କରିବା ଉପରେ ଗୁରୁତ୍ୱ

ଖପ୍ରାଖୋଲ,୨୯।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବୁଢିବାହାଲ କଲ୍ୟାଣମଣ୍ଡପଠାରେ ହରିଶଙ୍କର ମହିଳା କୃଷି ଉତ୍ପାଦ କମ୍ପାନୀର ଚତୁର୍ଥ ବାର୍ଷିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କମ୍ପାନୀର ସଭାପତି ଇନ୍ଦୁ ସୁନା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡା. ସତ୍ୟେଶ୍ୱର ନାଏକ ଓ ମୁଖ୍ୟବକ୍ତା ଭାବେ ଜୈବିକ କୃଷି ତାଲିମଦାତା ଅଭୟ ତ୍ରିପାଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମୀ ଶେଷଦେବ ମାଝୀ, ତାପସ ରଞ୍ଜନ ବେହେରା, ଉମାକାନ୍ତ ପ୍ରଧାନ, ଜ୍ୟୋତି ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ମହିଳାମାନେ ସବୁ କ୍ଷେତ୍ରରେ ସଫଳ ହେଉଥିବା ବେଳେ ସଙ୍ଗଠିତ ହୋଇ କୃଷି ଉତ୍ପାଦନ କଲେ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବା ସହ ସଫଳ ହୋଇପାରିବେ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ମହିନାଥ ସୁନା ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ସୁରେଶ ବେହେରା ସଙ୍ଗଠନ ର ଆୟବ୍ୟୟ ପାଠ କରିଥିଲେ। ଯୋଗେନ୍ଦ୍ର ଦୀପ, ତପନ କଲାରୀ, ଜୟନ୍ତ ସାହୁ, ପ୍ରକାଶ ସାହୁ, ସରୋଜିନୀ ସାହୁ, ଗଣେଶ ଭୁଏ, ଗୌରାଙ୍ଗ ଭୋଇ, ସନ୍ତୋଷ ସିଂ ଠାକୁର ପ୍ରମୁଖ ସହଯୋଗ କରିଥିଲେ । ଲିଙ୍ଗରାଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ସମାବେଶରେ ଉପସ୍ଥିତ ମହିଳା ଚାଷୀ।

## କ୍ଲଷ୍ଟରସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ

ଟିଟିଲାଗଡ଼,୨୯।୯(ଶରତ ମିଶ୍ର)




ଚାମ୍ପିୟନ ଦଳକୁ ଅତିଥିବୃନ୍ଦ ପୁରସ୍କୃତ କରୁଛନ୍ତି।

ସ୍ଥାନୀୟ ଓମ୍‌ଭେଲି ବିଦ୍ୟାଳୟ ପରିସରରେ ୪ ଦିନ ଧରି ଚାଲିଥିବା କ୍ଲଷ୍ଟର (ଦ୍ୱିତୀୟ)ସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଳିକା ବାଳକ ମିଶି ୧୦୬୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ରାଜ୍ୟରୁ ମୋଟ ୪୯ଟି ସିବିଏସଇ ଅନୁବନ୍ଧିତ ବିଦ୍ୟାଳୟର ୮୮ଟି ଖୋ–ଖୋ ଦଳ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ ବର୍ଗରେ ୧୭ଟି ବାଳକ ଦଳ ଓ ୧୩ଟି ବାଳିକା ଦଳ,୧୭ ବର୍ଷରୁ କମ ବର୍ଗରେ ୨୧ଟି ବାଳକ ଓ ୧୪ଟି ବାଳିକା ଦଳ ଏବଂ ୧୯ ବର୍ଷରୁ କମ ବର୍ଗରେ ୧୪ଟି ବାଳକ ଦଳ ଓ ୯ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ୧୫ ଜଣ ଖେଳ ବିଚାରକ ଖେଳ ପରିଚାଳନାରେ ସହାୟତା କରିଥିଲେ। ବିଦ୍ୟାଳୟ ତରଫରୁ ଖେଳ ବିଚାରକମାନଙ୍କୁ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଟିଟିଲାଗଡ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ନବନିର୍ମିତ ସୁଇମିଂ ପୁଲର ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଶିକ୍ଷାର୍ଥୀଙ୍କ ପାଇଁ କ୍ରୀଡାର ମହତ୍ତ୍ୱ ସଂପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପ୍ରତିଷ୍ଠାତା ଦୀପକ କୁମାର ସାହୁ, ଉପସଭାନେତ୍ରୀ ସଙ୍ଗୀତା ସାହୁ,ପରିଚାଳନା ସମିତି ସଦସ୍ୟ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି, ପ୍ରେମଚନ୍ଦ ଜୈନ,ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ମହେଶ୍ୱର ପ୍ରସାଦ ମିଶ୍ର ଏବଂ ମୁଖ୍ୟ ଉପଦେଷ୍ଟା ରବିନ ଚନ୍ଦ୍ର ପରମାଣିକ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଗଣ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୧୪ ବର୍ଷରୁ କମ ବାଳକ ବର୍ଗରେ ବାଙ୍କୁରା ବିଜେତା ଓ ଚମ୍ପୁଆ ଉପବିଜେତା, ୧୪ ବର୍ଷରୁ କମ ବାଳିକା ବର୍ଗରେ ବାରିପଦା ବିଜେତା ଓ ଓସପଡା ଉପବିଜେତା, ୧୭ ବର୍ଷରୁ କମ ବାଳକ ବର୍ଗରେ ଭାଟାପାରା ବିଜେତା ଓ ବାରିପଦା ଉପବିଜେତା ୧୭ ବର୍ଷରୁ କମ ବାଳିକା ବର୍ଗରେ ଛତିଶଗଡ ବିଜେତା ଓ ଉପ ବିଜେତା ପୋଣ୍ଡି ଦହିଆ, ୧୯ବର୍ଷରୁ କମ ବାଳକ ବର୍ଗରେ ଝାରସୁଗୁଡ଼ା ବିଜେତା ଓ ଉପ ବିଜେତା ଚମ୍ପୁଆ, ୧୯ବର୍ଷରୁ କମ ବାଳିକା ବର୍ଗରେ କେନ୍ଦୁଝର ବିଜେତା ଓ ଚମ୍ପୁଆ ଉପ ବିଜେତା ହେଇଛି ।

**ବସ୍‌ଷ୍ଟାଣ୍ଡ ପଛପଟେ ଚାଲିଥିଲା ଜୁଆ ଖେଳ, ୩ ଗିରଫ**

ଅମରପାଲି,(ପୀତାମ୍ବର ସାହୁ):ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ପଛପଟେ ନିର୍ମାଣାଧୀନ ଏକ ଘରେ ଦୀର୍ଘ ଦିନ ହେଲା ସଟ୍ଟା ଚାଲୁଥିଲା। କୌଣସି ସୂତ୍ରରୁ ଖବର ପାଇ ଶନିବାର ବୀରମହାରାଜପୁର ଥାନା ପୋଲିସ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ୩ ଜୁଆଡ଼ିଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ନଗଦ ୩,୮୨୦ ଟଙ୍କା ମଧ୍ୟ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୯୬/୨୪) ରୁଜୁ ହୋଇଛି। ସଟ୍ଟା ଖେଳୁଥିବା ଓ ଖେଳାଉଥିବା ଅଭିଯୋଗରେ ଗିରଫ ୩ଜଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ନଭେମ୍ବର ୨୯ରୁ ଭୈରବୀ ମହୋତ୍ସବ

ବୌଦ୍ଧ,୨୯।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଠାରେ ହୋଇ ଆସୁଥିବା ଭୈରବୀ ମହୋତ୍ସବ ଚଳିତବର୍ଷ ନଭେମ୍ବର ୨୯ରୁ ଆରମ୍ଭ ହେବ। ରବିବାର ମା'ଭୈରବୀ ସାଂସ୍କୃତିକ ପରିଷଦ ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସାଙ୍ଗଠନିକ ସମ୍ପାଦକ ପ୍ରାଣବନ୍ଧୁ ସାହୁ ପୂର୍ବ ମହୋତ୍ସବର ବିବରଣୀ ପାଠ କରିଥିଲେ। ଏଥିସହ ଚଳିତବର୍ଷ ଯେପରି ମହୋତ୍ସବ ଶାନ୍ତିଶୃଙ୍ଖଳାରେ ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ମହୋତ୍ସବ ନଭେମ୍ବର ୨୯ରୁ ଆରମ୍ଭ ହୋଇ ଡିସେମ୍ବର ୪ ତାରିଖରେ ଶେଷ ହେବ ଓ ଏନେଇ ଖୁବଶୀଘ୍ର ଶୁଭ ଖୁଣ୍ଟି ସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କମିଟିର ସମ୍ପାଦକ ତଥା ସ୍ଥାନୀୟ ସରପଞ୍ଚ ଅଶୋକ ସେଠି, ସୁକାନ୍ତ ପଟ୍ଟନାୟକ, କୈଳାସ ଅଗ୍ରୱାଲା, ଅଙ୍କୁର ସେଠୀ, ସତୀଶ ବେହେରା, ବିଭୁଦତ୍ତ ବୋଷ, ମନୋଜ ପାଢୀ, ବିଜୟ କହଁର, ବାଳକୃଷ୍ଣ ନାୟକ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଗୀତା ଆବୃତ୍ତି ପ୍ରତିଯୋଗିତା

ମନମୁଣ୍ଡା,୨୯।୯(ବେଣୁଧର ପଧାନ)

ରବିବାର କଣ୍ଟାମାଳ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ପ୍ରଜ୍ଞାନ ମିଶନ ବୌଦ୍ଧ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଗୀତାର ଚତୁର୍ଥ ଅଧ୍ୟାୟ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ନିରଞ୍ଜନ ସାହୁ ସଂଯୋଜନା କରିଥିଲେ। ପ୍ରଧାନ ଗୁରୁଜୀ ଭଗବାନ ମନହିରାଙ୍କ ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ଶିକ୍ଷୟିତ୍ରୀ ହୈମବନ୍ତି ବାଘ ଯୋଗ ଦେଇଥିଲେ। ବିଚାରକ ଭାବରେ ଶିବଦତ୍ତ ପଟ୍ଟନାୟକ, ଗୋବିନ୍ଦ ସାହୁ, ଖୁସିରାମ ବଗର୍ତ୍ତି, ସମୀର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ପ୍ରମାଣ ପତ୍ର ବିତରଣ କରାଗଲା। ଜିଲା ପ୍ରଜ୍ଞାନ ମିଶନର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରାଣବନ୍ଧୁ ମହାପାତ୍ର, ସୌମିତ୍ରୀ ପଳିଆ ପ୍ରମୁଖ ସହଯୋଗ କରିଥିଲେ।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଖୁଣ୍ଟିଗୋରା,୨୯।୯(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗୋଛାଗୋରା ଉପ୍ରା ବିଦ୍ୟାଳୟରେ ଖୁଣ୍ଟିଗୋରା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ଶତ୍ରୁଘ୍ନ ଜାନିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦେବାଧି ମଲିକ ମୁଖ୍ୟଅତିଥି, ବଂଶୀଧର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରୀଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଦେବାନନ୍ଦ ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମ ମଞ୍ଚକୁ ଧର୍ମାନନ୍ଦ ସାହୁ ପରିଚାଳନା କରିଥିଲେ। ବିପିନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା, ବିତର୍କ, ସାଧାରଣ ଜ୍ଞାନ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଖୁଣ୍ଟିଗୋରା କ୍ଲଷ୍ଟର ଅଧୀନ ୨ଟି ହାଇସ୍କୁଲ ସମେତ ୯ଟି ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଗୋଛାଗୋରା ସ୍କୁଲର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଭୋଇ, ଶିକ୍ଷକ ବୀରବର ମେସୁଆ, ସୁରେନ୍ଦ୍ର ସାହୁ ଓ କମିଟି ସଦସ୍ୟ ସହଯୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ।

# ନାମ୍‌ଚି ସାଇ ମନ୍ଦିର ସଦୃଶ ହେବ ପୂଜା ମଣ୍ଡପ

## ୧୫ବର୍ଷରେ ପହଞ୍ଚିଲା ବ୍ଲକ ଛକ ଦୁର୍ଗାପୂଜା

ସୋନପୁର,୨୯।୯(ମୃତ୍ୟୁଞ୍ଜୟ ଶତପଥୀ)

ଜଗତଜନନୀ ମା' ଦୁର୍ଗାଙ୍କ ଆରାଧନା ପାଇଁ ସୁବର୍ଣ୍ଣପୁର ସହର ଚଳଚଞ୍ଚଳ ହୋଇଉଠିଛି। ମା'ଙ୍କ ଧରାବତରଣ ଓ ପୂଜାର୍ଚ୍ଚନା ପାଇଁ ବ୍ଲକ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୂଜା କମିଟି କିଛି ନୂତନ କରିବା ପାଇଁ ସର୍ବଦା ପ୍ରୟାସ କରନ୍ତି। ବଲାଙ୍ଗୀର, ବରଗଡ, ସମ୍ବଲପୁର ଆଦି ସହରକୁ ସଂଯୋଗ କରୁଥିବାରୁ ବ୍ଲକ ଛକ ହେଉଛି ଜିଲା ସଦର ମହକୁମାର ଏକ ପ୍ରମୁଖ ସ୍ଥାନ। ସହରର ମୁଖ୍ୟ ପ୍ରବେଶ ପଥ ହୋଇଥିବାରୁ ମା'ଙ୍କ ପୂଜାବିଧି, ପୂଜା ମଣ୍ଡପ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗେଟ୍, ଲାଇଟ୍, ସାଜସଜ୍ଜା ଓ ଭସାଣି ଉପରେ ସମସ୍ତଙ୍କ ନଜର ରହିଥାଏ। ୧୫ତମ ବର୍ଷରେ ପଦାର୍ପଣ କରିଥିବା ବ୍ଲକ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ଏଥର ୧୮ ଲକ୍ଷ ଟଙ୍କାର ବଜେଟ୍ କରାଯାଇଛି। ମା' ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କୁ ଏଠାରେ ରୂପା ଅଳଙ୍କାରରେ ସଜ୍ଜିତ କରାଯାଏ। ଏଥର ଗଣେଶ ଓ କାର୍ତ୍ତିକଙ୍କ ରୂପା ମୁକୁଟ ନିର୍ମାଣ ପାଇଁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅକ୍ଟୋବର ୯ ରେ ଅଧିବାସ, କଳସ ଯାତ୍ରା ଓ ମା'ଙ୍କ ବିଲ୍ୱବରଣ କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ସିକିମ୍ ନାମ୍‌ଚିରେ ପ୍ରସିଦ୍ଧ ସାଇ ମନ୍ଦିର ଭଳି ୫୦ଫୁଟ ଉଚ୍ଚର ଆକର୍ଷଣୀୟ ପୂଜା ମଣ୍ଡପ ଶୋଭାପାଇବ। ସେହିପରି ୧୨ଫୁଟ୍ ଉଚ୍ଚତାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି। ଏହାକୁ ସ୍ଥାନୀୟ କାରୀଗରମାନେ ହିଁ ନିର୍ମାଣ କରୁଛନ୍ତି। ବ୍ଲକ ଛକର ଦୁର୍ଗାପୂଜା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପୂଜା ମଣ୍ଡପରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁଥିରେ ଦୁର୍ଗାପୂଜା କମିଟି ପକ୍ଷରୁ କିଛି ନୂଆ କରିବାର ପ୍ରୟାସ କରାଯାଇଛି। ସହରର ଅନ୍ୟ ପୂଜା ମଣ୍ଡପ ଗୁଡିକରେ ମା'ଙ୍କୁ ମାଛ ଭୋଗ ଅର୍ପଣ କରାଯାଉ ଥିବା ବେଳେ ଏଠାରେ ଦୁର୍ଗା ପୂଜାରେ ମାଙ୍କୁ କ୍ଷୀରୀ ଭୋଗ ଲାଗି କରାଯାଇଥାଏ। ସମସ୍ତ ଭକ୍ତଙ୍କୁ ପ୍ରତ୍ୟେକ ଦିନ କ୍ଷୀରି ପ୍ରଦାନ କରାଯାଏ। ତେଣୁ ଏଠାରେ ମା' କ୍ଷୀରି ଖାଇ ଦୁର୍ଗା ଭାବେ ପୂଜିତା। ରାବଣ ପୋଡି ମହୋତ୍ସବ ରୟାଲ ପଡିଆରେ ମହାସମାରୋହରେ ପାଳନ କରାଯାଏ। ଦଶହରା ପୂଜା ମଧ୍ୟାହ୍ନରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥାଏ। ପାର୍ଶ୍ୱ ଦେବତାଙ୍କ ମଧ୍ୟରେ ୩୨ ଫୁଟ ଉଚ୍ଚର ଗଣେଷ ମୂର୍ତ୍ତି ଏଥର ମୁଖ୍ୟ ଆକର୍ଷଣ। ଆସନ୍ତା ଅକ୍ଟୋବର ୧୧ରେ ଭକ୍ତି ଆରାଧନା ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା ଓ ୧୨ରେ ତ୍ରିରଙ୍ଗା ମେଲୋଡି କାର୍ଯ୍ୟକ୍ରମ ରହିଛି। ୧୩ରେ ରାବଣ ପୋଡି ମହୋତ୍ସବରେ ମହାରାଜା ଦେବରାଜ ଛତ୍ରିଆ ଓ ସାଥୀ କଳାକାରଙ୍କ ଦ୍ୱାରା ରାବଣ ଦରବାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୪ରେ ସୁନାମଧନ୍ୟ ଗାୟିକା ଅସୀମା ପଣ୍ଡାଙ୍କ ମେଲୋଡି ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ୧୫ରେ ବେଶ୍ ଧୁମ୍‌ଧାମରେ ଭଷାଣୀ ଶୋଭାଯାତ୍ରା ଆୟୋଜିତ ହେବ। ଏଠାରେ ପୂଜା ମଣ୍ଡପ, ରାବଣ ପୋଡି ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିବ ବୋଲି ପୂଜା କମିଟିର ସଭାପତି ଅରବିନ୍ଦ ବାରିକ ଓ ସମ୍ପାଦକ ଇଶାନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି।


ନାମ୍‌ଚି ସାଇ ମନ୍ଦିର ସଦୃଶ ପୂଜା ମଣ୍ଡପ।

**ରାବଣ ପୋଡ଼ି ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ**


ଅରବିନ୍ଦ ବାରିକ, ସଭାପତି


ଇଶାନ୍ତ କୁମାର ମହାନ୍ତି, ସମ୍ପାଦକ

# ରାସ୍ତାପାର୍ଶ୍ୱ ଘରେ ପଶିଗଲା ଗଞ୍ଜେଇ ଭର୍ତ୍ତି କାର

ବିନିକା, ୨୯।୯(ରାମ ଗୋପାଳ ବାଘ)

**କାର ଛାଡି ଡ୍ରାଇଭର ଫେରାର**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂସାମୁରା ଛକଠାରେ ରବିବାର ସକାଳେ ଏକ କାର(ନଂ.ଓଡିଶା ଜେଡି ୮୭୫୭) ଭାରସାମ୍ୟ ହରାଇ ଦୁର୍ଯ୍ୟୋଧନ ସାଥୁଆଙ୍କ ଘରଭିତରେ ପସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡି ପଶିଯିବା ସମୟରେ ଘରେ ଥିବା ପରିବାରର ୭ ଜଣଙ୍କ ମଧ୍ୟରୁ ୨ ଜଣ ସାମାନ୍ୟ ଆଘାତ ହୋଇଥିଲେ। ଦୁର୍ଘଟଣା ପର ଗାଡି ଛାଡି ଚାଳକ ଫେରାର ହୋଇଯାଇଛନ୍ତି। ବିନିକା ଥାନା ଏଏସଆଇ ଅନିଲ କୁମାର ପଧାନ, ମହଦେବପାଲି ଏଏସଆଇ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିଥିଲେ। ମାଜିଷ୍ଟ୍ରେଟ ସୋନପୁର ଅତିରିକ୍ତ ତହସିଲଦାର ଯୁଗେଶ୍ୱର ଧରୁଆଙ୍କ ଉପସ୍ଥିତିରେ ଯାଞ୍ଚ ପରେ ଗାଡିରୁ ୧୪ ବସ୍ତା ଗଞ୍ଜେଇ(୧୮୫କେଜି) ମିଳିଥିଲା। ଅପରପକ୍ଷରେ କାର ପସିଯିବା ପରେ ଘରର କାନ୍ଥ ଭାଙ୍ଗି ଯାଇଥିବାବେଳେ କାରର ସମ୍ମୁଖ ଭାଗ ଚୁରମାର ହୋଇଯାଇଛି। ସୋନପୁର ପଟରୁ କାରଟି ବିନିକା ପଟକୁ ଦ୍ରୁତଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜବତ ଗଞ୍ଜେଇ ବିନିକା ଥାନାକୁ ନିଆଯାଇଥିବା ବେଳେ କାରକୁ ମହାଦେବପାଲି ଫାଣ୍ଡିରେ ରଖାଯାଇଛି।

# ସବୁଜ ସୁବର୍ଣ୍ଣପୁର କାର୍ଯ୍ୟକ୍ରମର ଶୁଭାରମ୍ଭ


ଚାରାରୋପଣ ଅବସରରେ ଅତିଥି ଓ ବରିଷ୍ଠ ନାଗରିକମାନେ।

ସୋନପୁର,୨୯।୯(ମୃତ୍ୟୁଞ୍ଜୟ ଶତପଥୀ)

**ରିଂ ରୋଡର ଉଭୟପାର୍ଶ୍ୱରେ ଚାରାରୋପଣ**

ସୁବର୍ଣ୍ଣପୁର ସହରକୁ ସବୁଜ ସୁନ୍ଦର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଶ୍ରୀ ଗୋପାଳଜୀ ଯୋଗାଳୟ, ବରିଷ୍ଠ ନାଗରିକ ସଂଘ, ସ୍ୱଚ୍ଛ ଭାରତ ସଂଗଠନ ଓ ବନ ବିଭାଗର ମିଳିତ ସହଯୋଗରେ ରବିବାର ସବୁଜ ସୁବର୍ଣ୍ଣପୁର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମହାନଦୀ ସେତୁରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ନିର୍ମାଣାଧୀନ ରିଂରୋଡର ଉଭୟ ପାର୍ଶ୍ୱରେ ଫଳ ଓ ଛାଇ ପ୍ରଦାନ କରୁଥିବା ନଡିଆ, ଗୁଆ, ପିଜୁଳି, ଆତ, କଦମ୍ବ, ବଉଳ, ଆମ୍ବ ଓ ପଣସ ଭଳି ଚାରା ରୋପଣ କରାଯାଇଛି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଏକ ନଡିଆ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୋଗଗୁରୁ ମୃତ୍ୟୁଞ୍ଜୟ ନାରାୟଣ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଯୋଗାଳୟ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢୀ, ସଭାପତି ହରିହର ଶତପଥୀ, ସମ୍ପାଦକ ଆର୍ତ୍ତତ୍ରାଣ ବାବୁ, ବରିଷ୍ଠ ନାଗରିକ ସଂଘର ସଭାପତି ଡ. ଜୋତି ରଞ୍ଜନ ବହିଦାର, ସ୍ୱଚ୍ଛ ଭାରତ ଅନୁଷ୍ଠାନର ଇନ୍ଦୁମତୀ ପୁରୋହିତ, ଲୋକେଶ ଚନ୍ଦ୍ର ପ୍ରଧାନ, ସୋନପୁର ବନପାଳ ଭକ୍ତବନ୍ଧୁ ମିଶ୍ର, କୃଷ୍ଣଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଦୟାନିଧି ସେଠୀ, ପ୍ରଦୀପ ପୁରୋହିତ, ବିଭୂତି ଶତପଥୀ, ପ୍ରଶାନ୍ତ ସାହୁ, ନିରଞ୍ଜନ ତ୍ରିପାଠୀ, ସୁବାଷ ଧରୁଆ, ପ୍ରତାପ ଦାସ, ଡା. ସରୋଜ ପଟେଲ, ଅମର ଭୁତ, ନରେଶ ଅଗ୍ରୱାଲ ଓ ସୁରେଶ ମେହେର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତାମାନେ ଗଛ ଲଗାଇବା ସହ ଏହାର ଯତ୍ନ ନେବାକୁ ଶପଥ ନେଇଥିଲେ।

# ସମ୍ବଲପୁର-ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଦେଇ ଯାଉ


ବୈଠକରେ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା।

ସୋନପୁର,୨୯।୯(ମୃତ୍ୟୁଞ୍ଜୟ ଶତପଥୀ)

**ସଚେତନ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକ**

ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚର ବୈଠକ ସଭାପତି ସିତାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଦେଇ ଯିବା ବିଷୟରେ ଆଲୋଚନା ହେଲା। ପୂର୍ବରୁ ଉକ୍ତ ବିଷୟରେ ଆଲୋଚନା ହୋଇ ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ଏମ୍‌ପିଙ୍କ ଅବଗତି ସକାଶେ ଅନୁରୋଧ କରାଯାଇଥିଲା। ଏ ଦିଗରେ କିଛି ସକରାତ୍ମକ ଅଗ୍ରଗତି ହୋଇଥିବା ସୂଚନା ମିଳିଛି। ସେଥିପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ତେବେ କାର୍ଯ୍ୟରେ ସଫଳତା ହାସଲ ପର୍ଯ୍ୟନ୍ତ ନିରନ୍ତର ବିଭିନ୍ନ ମାଧ୍ୟମରେ ଉଦ୍ୟମ ଜାରି ରଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହା ସହ ସୁବର୍ଣ୍ଣପୁର ସହରକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳିଆ ହେରିଟେଜ ପ୍ରକଳ୍ପ ବିଷୟରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା, ଜିଲାରେ ଏକ ସୈନିକ ବିଦ୍ୟାଳୟ ସ୍ଥାପନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ସଚେତନ ନାଗରିକ ମଞ୍ଚ ସମ୍ପାଦକ ଗୁଣନିଧି ମେହେର, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପୁରୋହିତ, ଦୁଃଖିରାମ ନାୟକ, ବିନୋଦ ମେହେର, ବାଙ୍କାନିଧି ରାୟଗୁରୁ, ନବଘନ ସାଣ୍ଟେ, ପଞ୍ଚାନନ ବାରିକ ଓ ନବକିଶୋର ମିଶ୍ର ଉପସ୍ଥିତି ଥିଲେ। ଶେଷରେ ବିନୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

ବୌଦ୍ଧ,୨୯।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଟାଉନହଲଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବୌଦ୍ଧ ବିଧାୟକ ତଥା ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସଂଘର ରାଜ୍ୟ ଉପସଭାପତି ପରମାନନ୍ଦ ମିଶ୍ର, ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ରନାଥ ଗୁରୁ, ଅଧ୍ୟାପକ ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମାନନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ଇଂ ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ଜିଲାର ବିକାଶ ନେଇ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।

# ସହଲା ଶ୍ରୀରାମପଡ଼ାରେ କରମସାନି ପୂଜା


କରମସାନି ଦେବୀଙ୍କ ପୂଜାରେ ଉପସ୍ଥିତ ଶ୍ରଦ୍ଧାଳୁ।

ଡୁଙ୍ଗୁରିପାଲି, ୨୯।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ଶ୍ରୀରାମପଡ଼ାରେ ତିନିଦିନ ଧରି ଚାଲିଥିବା ମା' କରମସାନି ଦେବୀଙ୍କ ପୂଜା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଶୁକ୍ରବାର ଭକ୍ତମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ କେନାଲରେ ପୂଜାର୍ଚ୍ଚନା କରି ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। କରମସାନି ଦେବୀ, ସାତ ବହନୀ, ମା ବନ ଦୁର୍ଗାଙ୍କୁ ତିନି ଦିନ ଧରି ପୂଜାର୍ଚ୍ଚନା କରାଯାଇଥିଲା। ସହଲା, ଚିନାପୁରୀ, ବାଙ୍କୀପାଲି, ବୈଦୁପାଲି, ବଡ଼ ଫଟାମୁଣ୍ଡା, ହାତୀଡିହି ଗ୍ରାମର କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ରାତିରେ ସମ୍ପ୍ରଦା, ଭଜନ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂଜା କର୍ତ୍ତାଭାବେ ଅଶୋକ ମେହେର ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ମେହେର ଦାୟିତ୍ୱ ତୁଲାଇଥିଲେ। ରାତିରେ ପୂଜା ସମୟରେ ବରୁଆମାନେ ଦେବୀଙ୍କ ଶକ୍ତିରେ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ କରମସାନି ଦେବୀଙ୍କ ପୂଜା ଥାଳ ଧରି ନଗର ପରିକ୍ରମା କରି ବିସର୍ଜନ କରାଯାଇଥିଲା।

# ଜିଲା କଲଚରାଲ ଏକାଡ଼େମୀର ସାହିତ୍ୟ ଆସର

ବୌଦ୍ଧ,୨୯।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଲଚରାଲ ଏକାଡେମୀର ସାହିତ୍ୟ ଆସର ରବିବାର ଦିନ ଦାନୀ ସାହିସ୍ଥିତ କମ୍ୟୁନିଷ୍ଟ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଣୁ ଗଳ୍ପ ଓ କବିତା ପାଠ ହୋଇଥିଲା। ଅନୁଷ୍ଠାନର ଉପସଭାପତି ଧ୍ରୁବ ଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, କବି କିଶୋର ମିଶ୍ର, ଅଧ୍ୟାପକ ପ୍ରତାପ କୁମାର ରଥ ଅତିଥି ଭାବେ ଯୋଗଦେଇ ଓଡିଆ ଭାଷାକୁ ଭଲ ପାଇବା ଓ ଏହାର ବିକାଶ କରିବା ପାଇଁ ଶବ୍ଦକୁ ନିୟନ୍ତ୍ରଣ କରିବା ସହିତ ମନ୍ତ୍ର ରୂପ ଦେବା, ଗଳ୍ପ ଓ କବିତା ଲେଖିବା ଉପରେ ମତବ୍ୟକ୍ତ କରିଥିଲେ। କବି ଦେବବ୍ରତ ପଶାୟତ, ରଶ୍ମିତା ବେହେରା, ସତ୍ୟ ନାରାୟଣ ଦେହୁରୀ, ଟଙ୍କଧର ସାହୁ , ନିବାସ ନାୟକ , ରାଧାମୋହନ ମହାରଣା, ବିକେ ନିର୍ମଳ, ରାଜ କୁମାର ପ୍ରଧାନ ଗଳ୍ପ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ନିବାସ ନାୟକ ସଂଯୋଜନା କରିଥିବା ବେଳେ ସତ୍ୟ ନାରାୟଣ ଦେହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।




# ଦୁର୍ଗାପୂଜା ପାଳନ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୯।୯ ( ଅଜିତ କୁମାର ବାରିକ)

ଆଗାମୀ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ବିଭିନ୍ନ ପୂଜାମଣ୍ଡପର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବୌଦ୍ଧ ଆଦର୍ଶ ଥାନା ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଥାନା ଅଧିକାରୀ ଆର.କେ.ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହ ପୂଜା ଆୟୋଜନ କରିବା ପାଇଁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନିବେଦନ କରାଯାଇଥିଲା। ସମସ୍ତ ପୂଜା କମିଟି ନିଜର ସ୍ୱେଚ୍ଛାସେବୀଙ୍କ ସହାୟତାରେ ପୂଜା ମଣ୍ଡପ ପରିସରରେ ଶୃଙ୍ଖଳା ରକ୍ଷା କରିବା,ନିର୍ଦ୍ଧାରିତ ଅଧିକାରୀଙ୍କ ନିକଟରୁ ସମସ୍ତ ଅନୁମତି ପତ୍ର ହାସଲ କରି ପାଖରେ ରଖିବା, କୌଣସି ବିଶୃଙ୍ଖଳିତ ପରିସ୍ଥିତି ଦୃଷ୍ଟିକୁ ଆସିଲେ ପୋଲିସର ସହାୟତା ନେବା ଓ କୌଣସି ପୂଜା ମଣ୍ଡପରେ ଡିଜେ ସାଉଣ୍ଡ ବ୍ୟବହାର ନ କରିବାକୁ କମିଟିଗୁଡିକୁ ବୌଦ୍ଧ ଥାନା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏଥିସହିତ ସମସ୍ତ ପୂଜା ପଣ୍ଡପ ଗୋଟିଏ ଦିନରେ ୧୬ ତାରିଖ ଦିନ ଏକାଠି ଭସାଣି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଭସାଣି ଦିବସରେ ସମସ୍ତ ପୂଜା କମିଟି ନିଜ ନିଜର ମେଢ ସହିତ ସନ୍ଧ୍ୟା ୬ଟା ମଧ୍ୟରେ ସ୍ଥାନୀୟ ଭୈରବୀ ପଡିଆଠାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଘିଆପଡା ଫାଣ୍ଡି ଅଧିକାରୀ, ଜହ୍ନାପଙ୍କ ଫାଣ୍ଡି ଅଧିକାରୀଙ୍କ ସମେତ ପୂଜା କମିଟିର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



# ଦେଶୀ, ବିଦେଶୀ ମଦର ଅବାଧ କାରବାର

ଅମରପାଲି,୨୯।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଦେଶୀ, ବିଦେଶୀ ମଦର ଚାଲିଛି ଅବାଧ କାରବାର। ପାନ ଦୋକାନ, ଚା' ଦୋକାନ ଠୁ ଆରମ୍ଭ କରି ସର୍ବସାଧାରଣ ସ୍ଥାନମାନଙ୍କରେ ମିଳୁଛି ଚୋରାରେ ମଦ। ସୂଚନା ଦେଲେ ମଧ୍ୟ ଅବକାରୀ ବିଭଗ ମଦ ଜବତ କରୁ ନାହିଁ କିମ୍ବା ମଦ ବେପାରୀଙ୍କୁ ଗିରଫ କରୁନାହିଁ। ଲୁତୁରପଙ୍କ, ପିତାମହୁଲ ଓ ସଦର ବୀରମହାରାଜପୁରରେ ଲାଇସେନ୍ସପ୍ରାପ୍ତ ଦେଶୀ ମହୁଲି ମଦଭାଟି ରହିଛି। ଏହା ସହିତ ସଦର ବୀରମହାରାଜପୁର ଓ ସୁବଳୟା (ଟିକିରାପଡା)ରେ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି। ଏଠାରେ ବିଦେଶୀ କୌଣସି ବ୍ୟକ୍ତି ମଦ ପିଇ ପାରିବେ ନାହିଁ ବୋଲି ନିୟମ ରହିଛି। ସରକାରୀ ଲାଇସେନ୍ସପ୍ରାପ୍ତ ମହୁଲି ମଦଭାଟି ଓ ବିଦେଶୀ ମଦ ଦୋକାନ ବ୍ୟତୀତ ବୀରମହାରାଜପୁର ଅଞ୍ଚଳର ପ୍ରାୟ ଅଧିକାଂଶ ଗ୍ରାମରେ ଦେଶୀ, ବିଦେଶୀ ମଦ ବ୍ୟାପକ ଭାବେ ବିକ୍ରି ହେଉଛି। ମହୁଲି ମଦ ପ୍ରସ୍ତୁତ କରି ବାହାରକୁ ବିକ୍ରି ପାଇଁ ପଠା ଯାଉଛି। ସେହି ମଦକୁ ଅଧିକ ନିଶା ପାଇଁ ସେଥିରେ ୟୁରିଆ ସାର ଓ ସୁଲେସନ ଭଳି ବିଶାକ୍ତ ରାସାୟନିକ ପଦାର୍ଥ ମିଶ୍ରଣ କରାଯାଉଛି। ଅନେକ ସ୍ଥାନରେ ବିଦେଶି ମଦ ମଧ୍ୟ ପ୍ରସ୍ତୁତ କରାଯାଉଥିବା ବେଳେ ସେଥିରେ ସ୍ପିରିଟର ବହୁଳ ବ୍ୟବହାର କରାଯାଉଛି। ଫଳରେ ଲୋକେ ଏଭଳି ନକଲି ମଦ ପିଇ ଅନେକ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅବକାରୀ ବିଭାଗ ଓ ମଦ ମାଫିଆଙ୍କ ମଧ୍ୟରେ ସଲାସୁତୁରା ଚାଲିଥିବା ଅଭିଯୋଗ ହେଉଛି। ଯେଉଁଠି ବି ଚଢାଉ କରାଯାଉଛି ମଦ ମାଫିଆଙ୍କୁ ବିଭାଗର କେତେକ କର୍ମଚାରୀ ଆଗୁଆ ସୂଚନା ଦେଇ ଦେଉଥିବାରୁ ସେମାନେ ଖସି ଯାଉଛନ୍ତି। ବୀରମହାରାଜପୁରଠାରେ ଥିବା ଅବକାରୀ ବିଭାଗ କାର୍ଯ୍ୟାଳୟ ପ୍ରାୟ ସମୟ ତାଲା ପଡିଛି। ଏନେଇ ସ୍ୱେଚ୍ଛାସେବୀ ଦୁର୍ଯ୍ୟୋଧନ ମେହେର କହନ୍ତି, ଅବକାରୀ ବିଭାଗର ଦାୟିତ୍ୱହୀନତା ଯୋଗୁ ବ୍ଲକର ଅନେକ ସ୍ଥାନରେ ଦେଶୀ, ବିଦେଶୀ ମଦ ବିକ୍ରି ହେଉଛି। ଖଣ୍ଡହତା ସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ସିୟାଙ୍ଗ୍‌ର ସଭାପତି ଦିଲ୍ଲୀପ କୁମାର ପ୍ରଧାନ ଚାଲିଥିବା ଅବାଧ ମଦ କାରବାର ବନ୍ଦ କରିବା ପାଇଁ ଦାବି କରିଛନ୍ତି। ମଦ ବିକ୍ରି ବନ୍ଦ ନ ହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଜଲା ଅବକାରୀ ଅଧୀକ୍ଷକ ପ୍ରବୀର ସାମଲ କହିଛନ୍ତି ଜିଲାରେ ଆବଶ୍ୟକ ଅବକାରୀ କର୍ମଚାରୀ ନାହାନ୍ତି। ତଥାପି ଆମେ ବିଭିନ୍ନ ସ୍ଥାନରେ ଚଢାଉ କରୁଛୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗ୍ରାମ ସଭାରେ ମାରପିଟ, ୩ ଗୁରୁତର

ସୁନ୍ଦରଗଡ,ହେମଗିର,୨୯।୯
(ଜୟ ନାରାୟଣ ମେଣ୍ଟୁଲ/ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଜ୍ୟାୟ ମୁଣ୍ଡ୍ରଖେତ ପଞ୍ଚାୟତ କାର୍ଯ୍ୟାଳୟଠାରେ ରବିବାର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବେଦାନ୍ତ କୋଇଲା ଖଣିର ଜମି ଅଧିଗ୍ରହଣ ସପକ୍ଷ ଓ ବିପକ୍ଷବାଦୀ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ସହିତ ମାରପିଟ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୁଭକ୍ତି ପ୍ରଧାନ,ସୁକଦେବ ପ୍ରଧାନ ଓ ପ୍ୟାରିଲାଲ ଖମାରୀ। ସମସ୍ତେ ହେମଗିର ଗୋଷ୍ଠୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ହେମଗିର ଥାନାରେ ୮ ଜଣଙ୍କ ନାଁରେ ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା କାହା ନାଁରେ ମାମଲା ରୁଜୁ ହୋଇ ନାହିଁ।

### ଦୌଡ଼ରେ ବ୍ରୋଞ୍ଜ ଜିତିଲେ କବିତା



ବନ୍ଧମୁଣ୍ଡା, ୨୯।୯(ସୁବ୍ରତ ଦେ)

ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ କବିତା ମାହାତୋ ପୁଣି ଥରେ ଭଲ ଖେଳ ପ୍ରଦର୍ଶନ କରି ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। କେରଳର ତ୍ରିବନ୍ତପୁରମ୍‌ଠାରେ ଅନୁଷ୍ଠିତ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ସ୍ପୋର୍ଟ ମିଟରରେ ଅଣ୍ଡର ୧୭ ବର୍ଗରେ ୪୦୦ ମିଟର ଦୌଡରେ ଅଂଶଗ୍ରହଣ କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବରୁ କବିତା ଅନେକ ଥର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭଲ ଫଳାଫଳ ହାସଲ କରିବା ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କବିତାଙ୍କ ଏହି ସଫଳତା ପରେ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷା ହେମଲତା ନାୟକ, ଶିକ୍ଷକ ଗଦାଧର ସାହୁ, ପ୍ରଶିକ୍ଷକ ଶିବ ମିଶ୍ର, ତାଙ୍କ ପିତା ବିରେନ ମାହାତୋ, ମାତା ରୁକ୍ମିଣୀ ମାହାତୋ ଖୁସି ବ୍ୟକ୍ତ କରିବା ସହିତ କବିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଧରାପଡ଼ିଲେ ୫ ମୋବାଇଲ ଲୁଟେରା

ରାଉରକେଲା,୨୯।୯(ସଙ୍ଗୀତା ଜେନା)

ରେଲୱେ ସୁରକ୍ଷା ବଳ ପକ୍ଷରୁ ଟ୍ରେନଗୁଡିକରେ ଅପରେଶନ ଯାତ୍ରୀ ସୁରକ୍ଷା ଅଭିଯାନ ଜାରି ରହିଛି। ଶନିବାର ପୃଥକ ୩ଟି ମାମଲାରେ ୫ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲୀର ଏସ୍. କେ ସଲମାନ୍(୨୪), ଗାନ୍ଧୀରୋଡ୍‌ର ସୋନୁ ସିଂହ(୨୦), ବାସନ୍ତୀ କଲୋନୀର କୈଳାସ ଚନ୍ଦ୍ର ପଣ୍ଡା(୨୦), ଇବ୍ରାଇଲ୍ ଅଂସାରୀ(୨୨) ଏବଂ ରାଜଗାଙ୍ଗପୁରର ବଳରାମ ପଟ୍ଟନାୟକ(୨୫)। ସେମାନଙ୍କ ଠାରୁ ଚୋରି ମୋବାଇଲ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

# ପୌରପାଳିକାରେ ନୂଆଁଖାଇ ଭେଟଘାଟ

ସୁନ୍ଦରଗଡ଼,୨୯।୯(ଜୟ ନାରାୟଣ ମେଣ୍ଟୁଲି)

ପୌରପାଳିକା କଲ୍ୟାଣ ମଣ୍ଡପଠାରେ ମୁକ୍ତା ଏଏଲଏଫ ଗ୍ରୁପର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା ଓ ସମସ୍ତ କାଉନସିଲର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଏଲଏଫର ସଭାପତି ରୀନା ପ୍ରଧାନ, ସମ୍ପାଦିକା ତୁଷାର ରାଣୀ ହୋତା, ବୃନ୍ଦାବତୀ ବାଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ଗୋଷ୍ଠୀ ମଧ୍ୟରେ ତୁମୁଳକାଣ୍ଡ: ୫ ଗୁରୁତର

କୁତ୍ରା, ୨୯।୯(ଦେବାଶିଷ ସାହୁ)

ସୁନ୍ଦରଗଡ଼ଜିଲା କୁତ୍ରା ବ୍ଲକ ଉପରବାହାଲସ୍ଥିତ ଡୁଙ୍ଗଲିପାହାଡ଼ଠାରେ ରବିବାର ୨ଗୋଷ୍ଠୀ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ବ୍ଲକ ଲାଇଙ୍ଗ ଗ୍ରାମ ଓ କୁତ୍ରା ଅଞ୍ଚଳର କେତେକ ଯୁବକ ପିକନିକ କରିବା ପାଇଁ ଡୁଙ୍ଗଲିପାହାଡ଼କୁ ଯାଇଥିଲେ। ଖତକୁରବାହାଲ ଗ୍ରାମର ନିର୍ଦ୍ଦିଷ୍ଟ ଗୋଷ୍ଠୀର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଯୁବକ ହଠାତ୍ ଆସି ତାଙ୍କ ସହିତ ଝଗଡ଼ା କରିବା ସହିତ ଭୁଜାଲି ଓ ପଥରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ୫ ଜଣ କୁତ୍ରା ମେଡିକାଲକୁ ଆସିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ୨ଜଣଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଏହି ପାହାଡ଼କୁ କିଛିଦିନ ହେଲାଣି ବ୍ଲକ ବାହାର ତଥା ଜିଲା ବାହାରୁ ଯୁବତୀ ଯୁବକଙ୍କ ସମେତ ବିଭିନ୍ନ ଲୋକ ଆସୁଛନ୍ତି। ଅନେକ ସମୟରେ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ପାହାଡ଼ରେ ବିନା କାରଣରେ ଭିଡ଼ ନ କରିବା ପାଇଁ ସାଧାରଣରେ ଦାବି ହେଉଛି। କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି ଘଟଣା ସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏହାକୁ ନେଇ ସରପଞ୍ଚ ଭୁବନ କୁଜୁରଙ୍କୁ ପଚାରିବାରୁ, ଆଜିଠାରୁ ବିନା କାରଣରେ ଆସୁଥିବା ବ୍ୟକ୍ତିଙ୍କୁ ବାରଣ କରାଯିବ ବୋଲି କହିଥିଲେ।



ଗୋଷ୍ଠୀ ସଂଘର୍ଷରେ ଗୁରୁତର ଆହତ ହୋଇଥିବା ଯୁବକ।

# ବାଳିକାରେ ସମ୍ବଲପୁର, ବାଳକରେ ପୁରୀ ଚାମ୍ପିୟନ

## ୧୭ ବର୍ଷରୁ କମ୍ କବାଡି ପ୍ରତିଯୋଗିତା

କୁତ୍ରା,୨୯।୯(ଦେବାଶିଷ ସାହୁ)

କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବିଦ୍ୟାଳୟ ସମୂହର ୬୮ତମ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରବିବାର ୧୭ ବର୍ଷରୁ କମ୍ ବର୍ଗର ଫାଇନାଲ ମ୍ୟାଚ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ପୁରୀ ଜିଲା ଏବଂ ବାଳିକା ବିଭାଗରେ ସମ୍ବଲପୁର ଜିଲା ଦଳ ଚାମ୍ପିୟନ ହୋଇଛନ୍ତି। ଉଭୟ ବର୍ଗରେ ୩୦ଟି ଜିଲା ଦଳ ସହ ଭୁବନେଶ୍ୱର ଦଳକୁ ମିଶାଇ ୩୧ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ବାଳକ ବିଭାଗ ସେମିଫାଇନାଲରେ ପୁରୀ ଦଳ



ଚାମ୍ପିୟନ ହୋଇଥିବା ବାଳିକା ଦଳ।

ଢେଙ୍କାନାଳକୁ ଓ ଗଞ୍ଜାମ ଜଗତ୍‌ସିଂହପୁରକୁ ପରାସ୍ତ କରି ଫାଇନାଲକୁ ପହଞ୍ଚିଛି। ବାଳିକା ବିଭାଗ ସେମିଫାଇନାଲରେ ସମ୍ବଲପୁର ବଲାଙ୍ଗୀରକୁ ଓ ଗଞ୍ଜାମ ଜଗତ୍‌ସିଂହପୁର ଦଳକୁ ପରାସ୍ତ କରି ଫାଇନାଲକୁ ପହଞ୍ଚିଛି। ବାଳକ ବିଭାଗ ଫାଇନାଲ ମ୍ୟାଚରେ ପୁରୀ ଜିଲା ଗଞ୍ଜାମ ଜିଲାକୁ ୫୮–୪୩ ପଏଣ୍ଟରେ ଏବଂ ବାଳିକା ବିଭାଗରେ ସମ୍ବଲପୁର ଜିଲା ଗଞ୍ଜାମ ଜିଲାକୁ ୩୪–୨୪ ପଏଣ୍ଟରେ ପରାସ୍ତ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା, ଏଡିଇଓ ସାରଙ୍ଗଧର ବରିହା, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ, ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା, ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାସିନି, ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଯୋଗଦେଇଥିଲେ। ୧୭ ବର୍ଷରୁ କମ ବର୍ଗର କବାଡି ପ୍ରତିଯୋଗିତା ଶେଷ ହୋଇଛି। ସୋମବାରଠାରୁ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗର ପ୍ରତିଯୋଗିତା ଆରମ୍ଭ ହେବ। ସମସ୍ତ କାର୍ଯ୍ୟକ୍ରମ ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଡ. ବିଭୀଷଣ ବାରିକ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାସିନି ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ନୂଆଁଖାଇ ଭେଟଘାଟ

ବଡ଼ଗାଁ,୨୯।୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଡାକ ବଙ୍ଗଳାଠାରେ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୂୟାଁ ସମାଜର କେନ୍ଦ୍ର କମିଟି, ଜିଲା କମିଟି ଓ ବ୍ଲକ କମିଟିର ସଦସ୍ୟଙ୍କ ସହିତ ନାଗରା ମଣ୍ଡଳ କମିଟି, ହେମଗିରି ମଣ୍ଡଳ କମିଟି, କୁତ୍ରା ସାନ ଦୁଆର ଭୂୟାଁ ବ୍ଲକ କମିଟିର ବନ୍ଧୁ, ମା' ମାଉସୀଙ୍କ ଉପସ୍ଥିତିରେ ଭୂୟାଁ ସମାଜର ପରମ୍ପରା ଅନୁଯାୟୀ ବନ୍ଧୁଙ୍କ ଗୋଡ଼ ଧୁଆ କାର୍ଯ୍ୟକ୍ରମ ପରେ ଇଷ୍ଟ ଦେବୀ ମା' ଦୁର୍ଗାଙ୍କ ପୂଜା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ସାମାଜିକ ଏକତା ଉପରେ ମତ ରଖିଥିଲେ। ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର କେନ୍ଦ୍ର କମିଟି ସଭାପତି ମେଘନାଦ ନାୟକ, ଜିଲା ସଭାପତି ଉଦିତ ଅମାତ, ବରିଷ୍ଠ ଉପ ସଭାପତି ରବି ରତ୍ନ ପଟେଲ, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ,ଉପସଭାପତି ଦେବେନ୍ଦ୍ର ଅମାତ, ବରିଷ୍ଠ ଉପଦେଷ୍ଟା ବିଦ୍ୟାଧର ଅମାତ, ଦେବେନ୍ଦ୍ର ଭିତିରିଆ, ଜିଲା ସମ୍ପାଦକ ଗଣେଶ୍ୱର ନାୟକ, ପ୍ରଶାନ୍ତ ଅମାତ, ପ୍ରଦୀପ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବଡ଼ଗାଁ ସଭାପତି ରଘୁନାଥ କାଲୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ ସାମାଜିକ ଏକତା ଉପରେ ଜୋର ଦେଇ ଭୂୟାଁ ସମାଜର ପରମ୍ପରା ଉପରେ ଆଲୋକପାତ କରିଥିଲେ। ସମସ୍ତ ସମାଜ କର୍ମକର୍ତ୍ତାମାନେ ମାଦ୍ରି କାଲୋଙ୍କୁ ସରକାର ସ୍ୱାଧୀନତା ସଂଗ୍ରାମୀ ଘୋଷଣା କରିବାକୁ ଦାବି କରିଥିଲେ। ପାଇକ ଭୂୟାଁ ସମାଜ ତରଫରୁ ପାରମ୍ପରିକ ପିଠାପଣା, ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ବନ୍ଧୁଙ୍କୁ ପରଷା ଯାଇଥିଲା। କେନ୍ଦ୍ର ସମ୍ପାଦକ ରାମଚନ୍ଦ୍ର ଅମାତ ସଭା ପରିଚାଳନା କରିଥିଲାବେଳେ ପଦ୍ମଲୋଚନ ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପବାଚସ୍ପତି ଭବାନୀ ଶଙ୍କରଙ୍କୁ ସାକ୍ଷାତ କରି ବଡ଼ଗାଁର କୈଳାଶ ଭିତ୍ରିଆ, ସତ୍ୟପ୍ରକାଶ ଭିତ୍ରିଆ, ଟୁନୁ କାଲୋ, ଡମ୍ବରୁ କାଲୋ ପ୍ରମୁଖ ଯୁବକମାନେ ବଡ଼ଗାଁ ଡାକ୍ତରଖାନାରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପତ୍ର ଦେଇଥିଲେ।



ନୂଆଁଖାଇ ଭେଟଘାଟରେ ଉପସ୍ଥିତ ଅତିଥିଙ୍କ ସହିତ ସମାଜ କର୍ମକର୍ତ୍ତା।

### ଏସ୍‌ଟି,ଏସ୍‌ସି ଏକତା ମଞ୍ଚ ଗଠନ ପାଇଁ ପ୍ରସ୍ତୁତି ବୈଠକ

ବଡ଼ଗାଁ,୨୯।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଏସ୍‌ଟି ଏସ୍‌ସି ଏକତା ମଞ୍ଚ ଗଠନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ଣ୍ଣିଆମୁରା ଗ୍ରାମର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଇନ୍ଦ୍ରମଣି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ୬ ଜଣ ସମିତି ସଭ୍ୟ, ୬ ଜଣ ସରପଞ୍ଚଙ୍କ ସହିତ ସମସ୍ତ ପଞ୍ଚାୟତରୁ ୪ ଜଣ ଲେଖାଏ ସଭ୍ୟ ଯୋଗଦେଇଥିଲେ। ବୈଠକରେ ଏସ୍‌ଟି ଏସ୍‌ସିଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା, ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ବିକାଶ, ଆର୍ଥିକ ବିକାଶ ସହିତ ହକ ପାଇଁ ଲଢ଼େଇ କରିବାକୁ ମଞ୍ଚ କାର୍ଯ୍ୟ କରିବ। ଏହି ବୈଠକରେ ପୂର୍ବତନ ସରପଞ୍ଚ ବିକ୍ରମ ଟପ୍ପୋ, ବସନ୍ତ ଡନସନା, ସନ୍ତୋଷ ଧନୁଆର, ପୂର୍ବତନ ସମିତି ସଭ୍ୟ ସୁରେନ ବାଗେ, ପୂର୍ବତନ ଜିଲା ପରିଷଦ ମେମ୍ବର ଅହଲ୍ୟା ଲାକ୍ରା, ସରପଞ୍ଚ ଯୋଗିନ୍ଦ୍ର କିସାନ, ମହେଶ୍ୱର ବରିହା, ଗୋବର୍ଦ୍ଧନ ହାହା, ସଚିନ ମାଝୀ, ବସନ୍ତ ରଉଡିଆ, ଫିଲୋସଫର ତିର୍କୀ, ନିକୋଲାସ ଇନ୍ଦୁଆର, ଏସମେଲାନ ଇନ୍ଦୁଆର୍, ଶିବା ଡୁଙ୍ଗଡୁଙ୍ଗ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ତୈଳିକ ସମାଜ ଗ୍ରାମ ସଂସ୍କୃତିକୁ ବଜାୟ ରଖିଛି

ବଡ଼ଗାଁ,୨୯।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଇତମା ଗ୍ରାମରେ ରବିବାର ଉତ୍ତର ତୈଳିକ ବୈଶ୍ୟ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ତୈଳିକ ବୈଶ୍ୟ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ତଥା ସମାଜ ପକ୍ଷରୁ ୧୨ ମାସରେ ୧୩ ପର୍ବ ପର୍ବାଣୀ ଧୁମଧାମରେ ପାଳିତ ହୋଇଆସୁଥିବା କହିଥିଲେ। ଏହା ସହିତ ତୈଳିକ ସମାଜ ଗ୍ରାମ ସଂସ୍କୃତିକୁ ବଜାୟ ରଖିଛି ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ବକ୍ତାଭାବେ ଯୋଗଦେଇ ତୈଳିକ ସମାଜର ପରମ୍ପରା ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ସମାଜର କେନ୍ଦ୍ରୀୟ କମିଟି ସଭାପତି ନରେନ୍ଦ୍ର ବେହେରା, ସମ୍ପାଦକ ବସନ୍ତ କୁମାର ସାହୁ, ଉପସଭାପତି ଭୋପାଳ ବେହେରା, ହରିଶଙ୍କର ବେହେରା, ପ୍ରଫୁଲ୍ଲ କୁମାର ସାହୁ, ଲିଙ୍ଗରାଜ ସାହୁ, ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ଲବିନ୍ଦ୍ର ବେହେରା, ଉପଦେଷ୍ଟା ଜୟାନନ୍ଦ ବେହେରା, ଜୟକୃଷ୍ଣ ସାହୁ, ଲବଣୀଧର ଦାନୀ, ହରେକୃଷ୍ଣ ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କଣ୍ଠଶିଳ୍ପୀ ପୁଲିନ ରାଉତରାୟ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିରଞ୍ଚିନାରାୟଣ ସାହୁ ଓ ଜମାଦାର ସା ସଭା ପରିଚାଳନା କରିଥିଲେ। ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ତୈଳିକ ବୈଶ୍ୟ ସମାଜର ସଂସ୍କୃତି, ପରମ୍ପରା, ଚାଲିଚଳନ, ରୀତିନୀତି ଓ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ଅଚ୍ୟୁତ ସାହୁ, ଫକିର ମୋହନ ପୃଷେଟ, ଅଖିଳ ବେହେରା, ଗଗନ ବେହେରା, ଦିବ୍ୟଲୋଚନ ପୃଷେଟ, ମନୋଜ ପୃଷେଟ ପ୍ରମୁଖ ବ୍ୟକ୍ତିମାନେ ସହଯୋଗ କରିଥିଲେ।

# ହିନ୍ଦୁ ଧର୍ମର ସୁରକ୍ଷା ନିମନ୍ତେ ସାମୂହିକ ପ୍ରଚେଷ୍ଟା ଆବଶ୍ୟକ

କୁଆଁରମୁଣ୍ଡା,୨୯।୯(ମହେନ୍ଦ୍ର କୁମାର ସାହୁ)

ଭାରତ ବର୍ଷର ଧର୍ମ, ସଂସ୍କୃତି, ପରମ୍ପରା, ଶିକ୍ଷା ସାରା ପୃଥିବୀରେ ସ୍ୱତନ୍ତ୍ର ଓ ଅନନ୍ୟ। ଏହି ରାଷ୍ଟ୍ରର ଉକ୍ତ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ମୋଗଲଙ୍କ ଠାରୁ ଆରମ୍ଭ କରି ଇଂରେଜମାନଙ୍କ ପର୍ଯ୍ୟନ୍ତ ଅନେକ ବହୁ ଚେଷ୍ଟା କରିଛନ୍ତି। ସେମାନେ ଭାରତର ଧାର୍ମିକ ବ୍ୟବସ୍ଥାକୁ କେତେକାଂଶରେ ନଷ୍ଟ କରିଥିଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ସଫଳ ହୋଇପାରି ନାହାନ୍ତି। ଆଜି ମଧ୍ୟ ହିନ୍ଦୁ ଧର୍ମ ବଞ୍ଚି ରହିଛି। ଏହାକୁ କିଭଳି ଆଗାମୀ ଦିନରେ ସୁଦୃଢ଼ ଓ ପ୍ରସାର କରାଯାଇପାରିବ ସେଥି ପାଇଁ ସାମୂହିକ ପ୍ରଚେଷ୍ଟା ଜରୁରୀ ବୋଲି କୁଆଁରମୁଣ୍ଡା ଶିଶୁ ମନ୍ଦିରରେ ରବିବାର ଆୟୋଜିତ ବ୍ଲକସ୍ତରୀୟ ରାମାୟଣ ପ୍ରଶ୍ନୋତ୍ତର ଓ ଗୀତା ଆବୃତ୍ତି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ସମ୍ଭାଗ କୋଷାଧ୍ୟକ୍ଷ କମଲ କୁମାର ଅଗ୍ରୱାଲ,ମୁଖ୍ୟବକ୍ତା ବିଶ୍ୱହିନ୍ଦୁ ପରିଷଦ, ଝାରସୁଗୁଡ଼ାର ବରିଷ୍ଠ କର୍ମକର୍ତ୍ତା ତଥା ସ୍ୱାସ୍ଥ୍ୟ ପରିଦର୍ଶକ ମଦନମୋହନ ସେଠ,ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷାଧିକାରୀ ତଥା କୁଆଁରମୁଣ୍ଡା ଗାୟତ୍ରୀ ପରିବାର କାର୍ଯ୍ୟକର୍ତ୍ତା ଗୁରୁଚରଣ ସାହୁ, କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ପ୍ରମୁଖ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଗୀତା ଆବୃତ୍ତି ଓ ରାମାୟଣ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସୁବାସ ତ୍ରିପାଠୀ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କୁଆଁରମୁଣ୍ଡା ବିଶ୍ୱ ହିନ୍ଦୁ ପରିଷଦ ଓ ଗାୟତ୍ରୀ ପରିବାର ସମ୍ପାଦକ ମହେଶ୍ୱର ମିଶ୍ର,କୋଷାଧ୍ୟକ୍ଷ ବାଳକୃଷ୍ଣ ଅଗ୍ରୱାଲ ଓ ସଭାପତି ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତି ରହି ସମସ୍ତ କାର୍ଯ୍ୟ ତୁଲାଇଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ବିଶମୋହିନି ନାୟକ ଓ ଅନ୍ୟ ଗୁରୁମା,ଗୁରୁଜୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।



କୁଆଁରମୁଣ୍ଡା ଶିଶୁ ମନ୍ଦିରରେ ଅନୁଷ୍ଠିତ ବ୍ଲକସ୍ତରୀୟ ରାମାୟଣ ପ୍ରଶ୍ନୋତ୍ତର ଓ ଗୀତା ଆବୃତ୍ତି ପ୍ରତଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତି ଅତିଥିମାନେ।

# ସୁନ୍ଦରଗଡ଼ କ୍ୱାର୍ଟର ଫାଇନାଲକୁ ଉନ୍ନୀତ

## ସାହାଣୀ କପ୍ ଫୁଟବଲ

ସୁନ୍ଦରଗଡ,୨୯।୯(ଜୟ ନାରାୟଣ ମେଣ୍ଟୁଲି)

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଓ ସୁନ୍ଦରଗଡ଼ ଜିଲା କ୍ରିଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୩ତମ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ଚମ୍ପିୟାନଶିପର ରବିବାର ଥିଲା ୫ମ ଦିବସ। ସୁନ୍ଦରଗଡ଼ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ସନ୍ତୋଷ ଅମାତ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ ନବରଙ୍ଗପୁର ଓ ନୟାଗଡ ମଧ୍ୟରେ ହୋଇଥିଲା। ଏଥିରେ ନବରଙ୍ଗପୁର ୭–୩ ଗୋଲରେ ବିଜୟୀ ହୋଇଛି। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ନବରଙ୍ଗପୁର ଦଳର ପିଣ୍ଟୁ ସାନ୍ତାଙ୍କୁ ପୁରସ୍କାର ସ୍ୱରୂପ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଖେଳକୁ ରେଫରୀ ସନ୍ୟାସୀ ମୁଣ୍ଡା,ସଞ୍ଜୟ କିସାନ,ସକଲେନ ଆସରଫୀ, ପ୍ରଶାନ୍ତ ବେହେରା ପରିଚାଳନା କରିଥିଲେ। ସେହିପରି ୨ୟ ମ୍ୟାଚରେ ସୁନ୍ଦରଗଡ ୧୦–୦ ଗୋଲରେ ଗଜପତି ଠାରୁ ବିଜୟୀ ହୋଇଛି। ସୁନ୍ଦରଗଡର ଆକାଶ କେ ୪ଟି ଗୋଲ (୪ମିନିଟ,୨୬ମିନିଟ,୩୮ମିନିଟ,୪୭ମିନିଟ),କିଶୋର ଖଡିଆ ୨ଟି ଗୋଲ(୧୯ ମିନିଟ,୨୪ମିନିଟ),ଶକ୍ତି କିସାନ(୨ଟି ଗୋଲ(୨୧ମିନିଟ,୨୬ମିନିଟ),କରଣକୁଜୁର(୨୨ମିନିଟ)ଓ ମହେଶ ପ୍ରଧାନ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ସୁନ୍ଦରଗଡ ଦଳର ଆକାଶ ବେକଙ୍କୁ ଶ୍ରେଷ୍ଠ ଖେଳାଳୀଭାବେ ୨ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ରେଫରୀ ଆଲୋକ ଦେହୁରୀ, ମନୋଜ ନାଏକ, ସଞ୍ଜୟ କୁଦେଇ, ଲିଙ୍ଗରାଜ ପ୍ରଧାନ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ। ସୁନ୍ଦରଗଡ ଜୋନର "ଏ "ଗ୍ରୁପରେ ସୁନ୍ଦରଗଡ ଦଳ ୩ ବିଜୟୀ ସହ ୯ ପଏଣ୍ଟ ହାସଲ କରି ଗ୍ରୁପ "ଏ'ର ଉଇନର ହୋଇ କ୍ୱାଟର ଫାଇନାଲକୁ ଉନ୍ନୀତ ହୋଇଛି। ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଉପସଭାପତି ବିମଳ ବୋଷ, ମେରୀଜନ ବାଗେ, ଅଶ୍ୱିନୀ ଭୋଳ, ଫୁଟବଲ ସମ୍ପାଦକ ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ସୁଶୀଲ ପଟେଲ, ପ୍ରସାଦ ନାଏକ, ଅଜୟ ବହିଦାର, ଶିଶିର ପଟେଲଙ୍କ ତତ୍ତ୍ୱାବଧାନରେ ମ୍ୟାଚ ଆୟୋଜିତ ହେଉଛି। ସୋମବାର ପ୍ରଥମ ମ୍ୟାଚ କୋରାପୁଟ ଓ ରାଉରକେଲା ଷ୍ଟିଲ ପାଣ୍ଟ ଏବଂ ୨ୟ ମ୍ୟାଚ ସୁବର୍ଣ୍ଣପୁର ଓ ଝାରସୁଗୁଡା ମଧ୍ୟରେ ହେବ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା କର୍ମଶାଳା

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଶିଶୁ ବାଟିକା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲ ଅପରାଧ ନ୍ୟାୟ ବୋର୍ଡ ସଦସ୍ୟା ବୀଣା ମହାପାତ୍ର ଶିଶୁଙ୍କ ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଉପସ୍ଥିତ ମା'ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମିତାଞ୍ଜଳି ତ୍ରିବାଗଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମା'ମାନେ ଶିଶୁମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଦୀପ ପ୍ରଦର୍ଶନୀ, ମ୍ୟୁଜିକ ଚେୟାର, ଆଳିତା ପିନ୍ଧା ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ୍ଷ ଶଙ୍କର ନାୟକ, ରଜଲକ୍ଷ୍ମୀ ପଣ୍ଡା ମଞ୍ଚାସୀନ ଥିଲେ।

# ନୀତି, ନୈତିକତା କ୍ଷେତ୍ରରେ ଶୀର୍ଷରେ ରହିବେ ଶ୍ରୀବଲ୍ଲଭ

ସମ୍ବଲପୁର,୨୯।୯(ବି.ଶଙ୍କର)



ଆୟୋଜିତ ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

ଛାତ୍ର ରାଜନୀତିରୁ ଅନେକ ରାଜନେତାଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଛି। ପ୍ରତ୍ୟେକଙ୍କୁ ଆକଳନ କରିବାର ମଧ ସୁଯୋଗ ପାଇଛି। ନୀତି ଏବଂ ନୈତିକତା କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ, ସାଂସଦ ତଥା ଶ୍ରମିକ ନେତା ଶ୍ରୀବଲ୍ଲଭ ଶୀର୍ଷରେ ରହିବେ। ରାଜନୈତିକ ବିଚାରର ଭିନ୍ନତା ଦୃଷ୍ଟିରୁ ଛାତ୍ର ଜୀବନରୁ ହିଁ ତାଙ୍କର ପ୍ରଚଣ୍ଡ ସମାଲୋଚକ ଥିଲି। କିନ୍ତୁ ପ୍ରତିପକ୍ଷଙ୍କୁ ଭଲ ପାଇବାର ଗୁଣ ତାଙ୍କର ଥିଲା, ଯାହା ବର୍ତ୍ତମାନ ପିଢି ମଧରେ ନାହିଁ। ସେ ସାଧାରଣ ଲୋକଙ୍କ ନେତା ଥିଲେ। ତେଣୁ ସମାଜ ବର୍ତ୍ତମାନ ସଚ୍ଚୋଟ, ଶିକ୍ଷିତ ଓ ନିର୍ଭୀକ ରାଜନେତାଙ୍କ ଆବଶ୍ୟକତା କରୁଛି। ରବିବାର ସମ୍ବଲପୁର ଫାର୍ମ ରୋଡ ସ୍ଥିତ ଡ.ରାଧାନାଥ ରଥ କମ୍ୟୁନିଟୀ ସେଣ୍ଟରଠାରେ ଆୟୋଜିତ ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ୮୪ତମ ଜୟନ୍ତୀ ସଭାର ମୁଖ୍ୟ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ଶ୍ରୀବଲ୍ଲଭ ଏବଂ ସୁନନ୍ଦା ପାଣିଗ୍ରାହୀ ଫାଉଣ୍ଡେଶନ ଅଧ୍ୟକ୍ଷା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟନାୟକ କହିଥିଲେ ଯେ, ଛାତ୍ର ଜୀବନରୁ ହିଁ ସମ୍ବଲପୁର ସହିତ ତାଙ୍କ ସମ୍ପର୍କ ରହିଛି। ଶ୍ରୀବଲ୍ଲଭଙ୍କ ସହିତ ବନ୍ଧୁତା ଦୀର୍ଘ ବର୍ଷର। ସେ ଯେଉଁଭଳି ସଚ୍ଚୋଟ ଥିଲେ ଖୁବ କମ୍ ବ୍ୟକ୍ତି ସେହିଭଳି ହୋଇ ପାରିବେ। ଶ୍ରୀବଲ୍ଲଭ ଜିଲା କଂଗ୍ରେସ ସଭାପତି ଥିଲେ। ସେ ପ୍ରତି ମାସ କିଛି ଟଙ୍କା ଦଳକୁ ଦେଉଥିଲେ। ଯାହାର ରସିଦ ପ୍ରତି ମାସ ଶ୍ରୀବଲ୍ଲଭ ପଠାଇ ଦେଉଥିଲେ। ଏହା ତାଙ୍କ ରାଜନୈତିକ ସାଧୁତା ଓ ସ୍ୱଚ୍ଛତାର ଉଦାହରଣ। ସମ୍ବଲପୁରରେ ଏମସିଏଲ ଏବଂ ରେଳବାଇ ଡିଭିଜନ ମୁଖ୍ୟାଳୟ ପ୍ରତିଷ୍ଠାଠାରୁ ଆରମ୍ଭ କରି ଜଳସେଚନ, ସ୍ଲୁଇସ ଗେଟ ନିର୍ମାଣ କ୍ଷେତ୍ରରେ ତାଙ୍କର ଭୂମିକା ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପରେ ଶ୍ରୀବଲ୍ଲଭ ପାଣିଗ୍ରାହୀ ହିଁ ଭୂସଂସ୍କାର ଦିଗରେ ସର୍ବାଧିକ କାର୍ଯ୍ୟ କରିଛନ୍ତି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ନିଜ ବକ୍ତବ୍ୟରେ କହିଥିଲେ ଯେ, ଶ୍ରୀବଲ୍ଲଭ ପାଣିଗ୍ରାହୀ ହିଁ ତାଙ୍କର ରାଜନୈତିକ ପିତା ଥିଲେ। ତାଙ୍କରି ଯୋଗୁ ସୁନ୍ଦରଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ସମ୍ଭବ ହୋଇଛି। ଏପରିକି ଗୋଟିଏ ସମୟରେ ନାଲକୋକୁ ଘରୋଇକରଣ ପାଇଁ ପ୍ରଚେଷ୍ଟା କରାଯାଉଥିଲା। କିନ୍ତୁ ଶ୍ରୀବଲ୍ଲଭ ପାଣିଗ୍ରାହୀ ଦିଲ୍ଲୀରେ ସୋନିଆ ଗାନ୍ଧିଙ୍କୁ ସାକ୍ଷାତ କରି ଏହି ଘରୋଇକରଣ ଦେଶ ପାଇଁ କ୍ଷତିକାରକ ହେବ ବୋଲି ବୁଝାଇ ପାରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା କହିଥିଲେ ଯେ, ଶ୍ରୀବଲ୍ଲଭ ଅନ୍ୟାୟ ସହିପାରୁ ନ ଥିବା ଜଣେ ନିଷ୍ଠାପର କଂଗ୍ରେସ କର୍ମୀ ଥିଲେ। ଓଡ଼ିଶା କୋଲିଆରିଜ ମଜଦୁର ସଂଘ ସାଧାରଣ ସମ୍ପାଦକ ସୌଭାଗ୍ୟ ପ୍ରଧାନ, ତାଳଚେର ହେଡକ୍ୱାର୍ଟର୍ସ କର୍ମଚାରୀ ୟୁନିୟନର ପୂର୍ବତନ ସାଧାରଣ ସମ୍ପାଦକ ଅକ୍ଷୟ ବିଶ୍ୱାଳ, ଅବସରପ୍ରାପ୍ତ ଜଜ ମନୋରଞ୍ଜନ ମହାନ୍ତି ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ଖବରଦାତା ସୁଭାଷଚନ୍ଦ୍ର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଓ ପ୍ରିୟଦର୍ଶୀ ପାଣିଗ୍ରାହୀଫାଉଣ୍ଡେସନର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସାହିତ୍ୟିକ ଡ.ଗୌରିଦାସ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାଜର୍ଷି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବରଗାଁ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲର ଛାତ୍ରୀମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ। ସମ୍ବଲପୁର ମହିଳା କଲେଜରେ ଫାଉଣ୍ଡେଶନ ପକ୍ଷରୁ ଚାଲିଥିବା ସ୍ପୋକେନ ଇଂଲିଶ କ୍ଲାସ ଦ୍ୱିତୀୟ ବ୍ୟାଚ ସଫଳ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଏବଂ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗ, ରାଜନୈତିକ ଏବଂ ରାଜ୍ୟର ବିଭିନ୍ନ ଜିଲାରୁ ଲୋକେ ସାମିଲ ହୋଇଥିଲେ।

### ୮୪ ତମ ଜୟନ୍ତୀରେ ବିଭିନ୍ନ ବର୍ଗର ଶ୍ରଦ୍ଧାଞ୍ଜଳି

# ଲୋକନୃତ୍ୟ, ଗୀତରେ ଦର୍ଶକ ବିମୋହିତ


ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥିମାନେ ।

ସମ୍ବଲପୁର,୨୯।୯(ବି.ଶଙ୍କର)

### ଆମ୍ବେଡକର ସୋସିଆଲ ୱେଲଫେୟାର ଫେଡେରେଶନ ନୂଆଁଖାଇ ଭେଟ୍‌ଘାଟ

ଡକ୍ଟର ବିଆର ଆମ୍ବେଡକର ସୋସିଆଲ ୱେଲଫେୟାର ଫେଡେରେଶନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ସ୍ଥାନୀୟ କାବେରୀ ସଭାକକ୍ଷରେ ରବିବାର ଆନୁଷ୍ଠିତ ହୋଇଯାଇଛି। ଫେଡେରେଶନ ସଭାପତି ଦ୍ୱିତୀୟା ଗର୍ଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରପିଏଫ ଅବସରପ୍ରାପ୍ତ ଡିଆଇଜି ଦୟାନିଧି ତନ୍ତୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ଅଧିକାରୀ ଗୋପବନ୍ଧୁ ଜଗଦଲା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ଜଗତ ପରିଚାଳନା କରିଥିଲେ। ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର ଜିଲାରୁ ଅନେକ ପରିବାର ଏଥିରେ ଅଂଶଗ୍ରହଣ କରିଥିଲେ। ଗଣେଶ ହରିପାଲ, ବରୁଣ ସୁନା, ରାଜେଶ କୁମ୍ଭାର, ଡକ୍ଟର ଲୋକନାଥ କୁମ୍ଭାର, ଟିକେଲାଲ କୁମ୍ଭାର, ଯଦୁନାଥ ସୁନା, ଦୀନେଶ ବାଗ, ଗୋପାଳ ଗୁଣ୍ଡି, ଘନଶ୍ୟାମ ମନ୍ଦୋଦରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଉପସଭାପତି ରତ୍ନା ବେସନ ଧନ୍ୟବାଦ ଅର୍ପଣ କରିଥିଲେ। ପଶ୍ଚିମଓଡିଶାର ପାରମ୍ପରିକ ପିଠାପଣାରେ ଉତ୍ସବ ସ୍ଥଳ ମହକି ଉଠିଥିଲା। ସମ୍ବଲପୁରୀ ଲୋକବାଦ୍ୟ, ଲୋକନୃତ୍ୟ ଓ ଲୋକଗୀତରେ ଦର୍ଶକ ବିମୋହିତ ହୋଇଥିଲେ।

## ସଂକ୍ଷେପରେ

### ଭାରତ ବିକାଶ ପରିଷଦ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା

ସମ୍ବଲପୁର,୨୯।୯(ବି.ଶଙ୍କର)

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ଅଇଁଠାପାଲି ନିକଟ ସିଟି ପ୍ୟାଲେସ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ମକରଧ୍ୱଜ ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ ସହ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଷେତ୍ରୀୟ ସମ୍ପର୍କ ସଚିବ ଶ୍ୟାମସୁନ୍ଦର ଶର୍ମା ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଚାରପତି ଭାବେ ପଞ୍ଚାନନ ତ୍ରିପାଠୀ, ସନ୍ତୋଷ ମିଶ୍ର ଓ ହରିଶଙ୍କର ବେହେରା, ପର୍ଯ୍ୟବେକ୍ଷକ ଭାବେ ପ୍ରାନ୍ତ ବିତ୍ତ ସଚିବ ଇଂ. କୃଷ୍ଣକୁମାର ଗୁପ୍ତା ସାମିଲ ଥିଲେ। ଏହି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ମନ୍ଦିର ସିଦ୍ଧେଶ୍ୱର ବେର୍ଣ୍ଣା, ବିକାଶ କନସେପ୍ଟ ସ୍କୁଲ, ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ, ମଦନାବତି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ବୈଦିକ ସ୍କୁଲ ପ୍ରଥମ ସ୍ଥାନ ହାସଲ କରିଥିଲା। ପ୍ରାନ୍ତ ମହିଳା ସହଭାଗିତା ସଚିବ ଡ. ରଶ୍ମିରେଖା ଜେନା, ଶାଖା ବିତ୍ତ ସଚିବ ଜେ ଗିରିଜା ଦେବୀ, ସଂସ୍କାର ସଚିବ ଦିନେଶ ଶର୍ମା, ଶାଖା ଉପସଭାପତି ପ୍ରଦ୍ୟୋତ ମିଶ୍ର, ସଙ୍ଗଠନ ସଚିବ ଇଂ. ଶ୍ୟାମ ସୁନ୍ଦର ବିଶ୍ୱାଳ, ସେବା ସଚିବ ବିଶାଲ ବଂଶଲ, ଭାରତୀ ଠାକୁର, ବିଶ୍ୱନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଶାଖା ସଚିବ ଡା. ନରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଲୁପାଲିରେ ନୂଆଁଖାଇ ଭେଟ୍‌ଘାଟ୍



ଭାଲୁପାଲି ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି ।

ସମ୍ବଲପୁର,୨୯।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅଧୀନ ଭାଲୁପାଲି ରାଧାରାଣୀ ବିହାରଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଡ. ଶ୍ୟାମସୁନ୍ଦର ଧର, ସମ୍ମାନୀତ ଅତିଥି ମୁକ୍ତକଣ୍ଠ ପ୍ରଧାନ ଏବଂ ରାଧାରାଣୀ ବିହାର ସଦସ୍ୟଙ୍କ ଦ୍ୱାରା ମା' ସମଲେଇଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂର୍ବତନ ସୈନିକ ପତିତପାବନ ସାହୁଙ୍କୁ ନୂଆଁଖାଇ ଭେଟ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଧର, ମୁକ୍ତକଣ୍ଠ ପ୍ରଧାନ, ସମ୍ପାଦକ ଶରତ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜ ଫଣିନ୍ଦ୍ର ପଣ୍ଡାଙ୍କୁ ତାଙ୍କ ଅଭିନୟ ପାଇଁ ସମ୍ମାନୀତ କରାଯାଇଥିଲା। ହାସ୍ୟକବି ଗୁଣ ରଞ୍ଜନ ସାଲିମା ନିଜ ହାସ୍ୟ କବିତାରେ ଦର୍ଶନମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜିତ ଦାସ, ମିହିର ପୂଜାରୀ, ଗୀତାଞ୍ଜଳି ପୂଜାରୀ, ଅମିତ ପଣ୍ଡା, ଜ୍ୟୋତି ଧର, ଭଗବାନ ବଡପଣ୍ଡା, ରାଜେନ୍ଦ୍ର ପାଣିଗ୍ରାହୀ, ସହ ସମ୍ପାଦକ ନିଶିକାନ୍ତ ବିଶ୍ୱାଳ ଏବଂ ସ୍ୱାତି ପୂଜାରୀ ପରିଚାଳନା କରିଥିଲେ।

# ହିନ୍ଦୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଆଲୋଚନାଚକ୍ର

ସମ୍ବଲପୁର,୨୯।୯(ପ୍ରମୋଦ ବହିଦାର)

ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ହିନ୍ଦୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଏକ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'କୃତ୍ରିମ ବୁଦ୍ଧିମତା: ସମ୍ଭାବନା ଓ ଚିନ୍ତା' ଶୀର୍ଷକ ଏହି ଜିଲାସ୍ତରୀୟ ଆଲୋଚନାଚକ୍ରରେ ସାମ୍ପ୍ରତିକ ଶୈକ୍ଷିକ ପରିବେଶରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ନିଜର ଅଧ୍ୟକ୍ଷତା ଅଭିଭାଷଣରେ ଜିଲା ଶିକ୍ଷାଧିକାରୀ ମଙ୍ଗଲ ସାମ୍ପ୍ରତିକ ଶିକ୍ଷାରେ ସମ୍ଭାବନା ଓ ସତର୍କତା ଉପରେ ଆଲୋକପାତ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବ୍ଲକସ୍ତରରୁ ଉନ୍ନୀତ ୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଣିତ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ପଣ୍ଡା ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଓଁକାର ତ୍ରିପାଠୀ ବିଚାରକଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆଁ ରମ୍ଭେଲା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ରହନା ପ୍ରଥମ, ଆଦର୍ଶ ବିଦ୍ୟାଳୟ ଜମନକିରାର ଛାତ୍ର ମହମ୍ମଦ ହୁଜେଫା ମେମନ ଦ୍ୱିତୀୟ ଓ ଲଇଡ଼ା ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭାଶିଷ ବାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଧାନଶିକ୍ଷକ ନିରଞ୍ଜନ ସେଠ, ଶିକ୍ଷକ ରାକେଶ କୁମାର ସାହୁ, ବନବାସ ପଧାନ, ଗୀତାଞ୍ଜଳି ପଟେଲ କାର୍ଯ୍ୟକ୍ରମ ଅୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଜିଲା ମାଷ୍ଟର୍ସ କ୍ରୀଡ଼ା ସଂଘର ବାର୍ଷିକ ବୈଠକ



ମାଷ୍ଟର୍ସ କ୍ରୀଡ଼ା ସଂଘ ବୈଠକରେ ବିଧାୟକଙ୍କ ସହ ସଂଘ କର୍ମକର୍ତ୍ତା ।

ସମ୍ବଲପୁର,୨୯।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ମାଷ୍ଟର୍ସ କ୍ରୀଡ଼ା ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଢ଼ାରଜାସ୍ଥିତ ସଂଘର ନିଜସ୍ୱ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ସଂଘ କର୍ମକର୍ତ୍ତାମାନେ ନିଜସ୍ୱ ଖେଳପଡ଼ିଆ ଓ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବାକୁ ବିଧାୟକ ମିଶ୍ରଙ୍କୁ ନିବେଦନ କରିଥିଲେ। ଆଗାମୀ ଦିନରେ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା, ଦୁର୍ଗା ଶଙ୍କର ପଟ୍ଟନାୟକ ସ୍ମାରକୀ ଆନ୍ତଃ ମଧ-ଇଂରାଜୀ ବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା, ବିଜୟ ବାହାଦୁର ସିଂ ଓ ଭୀମସେନ ଛତର ସ୍ମାରକୀ ପଶ୍ଚିମ ଓଡ଼ିଶାସ୍ତରୀୟ ଆନ୍ତଃ ଜିଲା ଫୁଟବଲ ପ୍ରତିଯୋଗିତା, ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ସଭାପତି ଗୋକୁଳଚନ୍ଦ୍ର ଦର୍ଜୀ, ସମ୍ପାଦକ ସଦାଶିବ ପୁରୋହିତ ଓ ସଂଘ ସଦସ୍ୟମାନେ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ।

# ଜିଏମ୍‌ୟୁ ଇଂଲିଶ ବିଭାଗରେ ସୃଜନାତ୍ମକ ଲେଖନୀ କର୍ମଶାଳା

ସମ୍ବଲପୁର,୨୯।୯(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଇଂରାଜୀ ବିଭାଗ ଦ୍ୱାରା ଦ୍ୱିଦିବସୀୟ ସୃଜନାତ୍ମକ ଲେଖନୀ କର୍ମଶାଳା ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ପ୍ରସିଦ୍ଧ ଲେଖକ ଚନ୍ଦ୍ରହାସ ଚୌଧୁରୀ, ଅନୁବାଦକ ତଥା ଆଲୋଚକ ପ୍ରଫେସର ହିମାଂଶୁ ଶେଖର ମହାପାତ୍ର ଯୋଗ ଦେଇ ସାହିତ୍ୟ ରଚନା ଏବଂ ଅନୁବାଦ ସମ୍ପର୍କରେ ନିଜର ମତ ରଖିଥିଲେ। ଇଂଲିଶ ବିଭାଗ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ଆଲୋଚନା ମାଧ୍ୟମରେ ସାହିତ୍ୟ ସୃଷ୍ଟି ଏବଂ ଅନୁବାଦର ବ୍ୟବହାରିକ ଦିଗ ସମ୍ବନ୍ଧରେ ପରାମର୍ଶ ଗ୍ରହଣ କରିବା ସୁଯୋଗ ପାଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁଙ୍କ ପୌରହିତ୍ୟରେ କର୍ମଶାଳା ହୋଇଥିଲା। କୁଳସଚିବ ସନତ କୁମାର ନାଏକ, ପିଜିସି ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ଉପକୁଳସଚିବ ଡ. ଉମା ଚରଣ ପତି, ଡ.ବ୍ରହ୍ମାନନ୍ଦ ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନେକ ଅଧାପିକା ଅଧାପକ ଯୋଗଦାନ କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ପି.ମୁରଲୀଧର ଶର୍ମା ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ସମ୍ବଲପୁର ଫୁଟବଲ ଏକାଡେମୀ ସେମିରେ

### ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ

ସମ୍ବଲପୁର,୨୯।୯(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ ରବିବାର ମ୍ୟାଚରେ ସମ୍ବଲପୁର ଫୁଟବଲ ଏକାଡେମୀ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଫୁଟବଲ ଏକାଡେମୀ ବନାମ ନାଗପୁର ବ୍ଲୁଏସସି ମଧ୍ୟରେ ମ୍ୟାଚ ହୋଇଥିଲା। ଫୁଟବଲ ଏକାଡେମୀର ନିସାର ୧୫ତମ ମିନିଟରେ ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ଏହାପରେ ନାଗପୁର ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ହେଲେ ଦଳର ଜଣେ ଖେଳାଳିଙ୍କୁ ରେଫରୀ ରେଡକାର୍ଡ ଦେଖାଇବା ପରେ ନାଗପୁର ଦଳ ୧୦ଜଣ ଖେଳାଳିଙ୍କୁ ନେଇ ଶେଷ ପର୍ଯ୍ୟନ୍ତ ଖେଳିଥିଲା। ଏହାର ସୁଯୋଗରେ ଫୁଟବଲ ଏକାଡେମୀର ଇନ୍ଦ୍ରଜିତ ମୁଣ୍ଡା ମ୍ୟାଚର ୭୬ତମ ମିନିଟ ଏବଂ ୭୮ ତମ ଓ ୮୪ତମ ମିନିଟରେ ଏମ. ୟାଖୁମ୍ବା ଗୋଲ ସ୍କୋର କରିଥିଲେ। ଫଳରେ ଫୁଟବଲ ଏକାଡେମୀ ୪-୦ ଗୋଲ ସ୍କୋର ବିଜୟୀ ହୋଇଥିଲା। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ଭାଜପା ନେତା ସୁଶାନ୍ତ କୁମାର ପୁରୋହିତ, ପ୍ରାକ୍ତନ ବନ ଅଧିକାରୀ ପୃଥ୍ୱୀରାଜ ବେହେରା ସମ୍ମାନୀତ ଅତିଥି ଥିଲେ। ଅବଦୁଲ ଗଫାର ଅତିଥି ସ୍ୱାଗତ କରିଥିଲେ।

# ସମାଜର ବିକାଶ ବ୍ୟକ୍ତିତ୍ୱର ବିକାଶରୁ ସମ୍ଭବ

ସମ୍ବଲପୁର,୨୯।୯(ପ୍ରମୋଦ ବହିଦାର)


ପବ୍ଲିକ ଲାଇବ୍ରେରୀରେ ଯୁବ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ର ।

### ପବ୍ଲିକ ଲାଇବ୍ରେରିରେ ଯୁବ ପ୍ରଶିକ୍ଷଣ ଶିବିର

ସମାଜର ବିକାଶ ବ୍ୟକ୍ତିତ୍ୱର ବିକାଶରୁ ହିଁ ସମ୍ଭବ। ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଅୟୋଜିତ ସାପ୍ତାହିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଚତୁର୍ବିଂଶତମ ଅଧ୍ୟାୟରେ ବକ୍ତା ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ପୃଥ୍ୱୀରାଜ ମିଶ୍ର ବ୍ୟକ୍ତିତ୍ୱ ବିକାଶ ଶୀର୍ଷକ ଉପରେ ଆଲୋଚନା କରି ଏହା କହିଛନ୍ତି। ଭୁତାପଡ଼ାସ୍ଥିତ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ସାପ୍ତାହିକ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଅଧିବେଶରେ ବକ୍ତବ୍ୟ ରଖି ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଦୈନନ୍ଦିନ ଜୀବନ ମଣିଷର ଜୀବନଧାରା, ଜୀବନଶୈଳୀ, କାର୍ଯ୍ୟାବଳୀ, ଶ୍ରବଣ, ଲିଖନ, ପଠନଠାରୁ ଆରମ୍ଭ କରି ଆଚରଣ ଓ ଉଚ୍ଚାରଣ ଉପରେ ନିର୍ଭର କରେ। ତେଣୁ ଏ ଦିଗରେ ଛାତ୍ରୀଛାତ୍ରମାନେ ବିଶେଷ ଭାବେ ଯତ୍ନଶୀଳ ହେବା ଜରୁରୀ। ପୂଜାର୍ଚ୍ଚନା ଓ ପ୍ରାର୍ଥନାରୁ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନର ଶୁଭାରମ୍ଭ ହୋଇଥିଲା। ଏଥିରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ବିଶିଷ୍ଟ ବୈଜ୍ଞାନିକ ସାର ଆଇଜାକ ନିଉଟନଙ୍କ ଜୀବନୀ ଓ ତାଙ୍କ ଦ୍ୱାରା ଉଦ୍ଭାବିତ ବିଭିନ୍ନ ନିୟମ ଉପରେ ଆଲୋଚନା କରିଥିଲେ। ଏହାସହ ଜଗତକୁ ବିଜ୍ଞାନର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରି ଛାତ୍ରୀଛାତ୍ରଙ୍କୁ ମୌଳିକ ଇଂଲିଶ ଶିକ୍ଷା ପ୍ରଦାନ କରିଥିଲେ। ବିଜୟ କୁମାର ସାହୁ ବୈଷୟିକ ସାହାଯତା ପ୍ରଦାନ କରିଥିଲେ। ଶିବିରରେ ୧୪ଟି ହାଇସ୍କୁଲର ୪୦ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଅର୍ଜୁନ ରଞ୍ଜନ ପଣ୍ଡା, ରଘୁନାଥ ମିଶ୍ର, ବିଭୂତି ନାରାୟଣ ମାଝୀ, ଗୋଲକ ବିହାରୀ ମିଶ୍ର, ଡ଼. ଗିରିଧାରୀ ହୋତା, ପ୍ରଫେସର ଶଙ୍କର ପ୍ରସାଦ ପତି, ମନୋଜ କୁମାର ନାଥଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ୩୪୨ରୋଗୀ ପଞ୍ଜୀକୃତ


ସ୍ୱାସ୍ଥ୍ୟ ସେବା ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୨୯।୯(ବି.ଶଙ୍କର)

ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସୁରୁଡା ପୁରୁଣା ବଲାରଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ଯୋଗଦେଇ ଶବିରକୁ ଉଦ୍‌ଘାଟନ କରିଥିଲେ। ମାନେଶ୍ୱର ବ୍ଲକ ଅଧ୍ୟକ୍ଷା ରୁକ୍ମଣୀ ମହାନନ୍ଦ, ଉପାଧ୍ୟକ୍ଷ ନରେନ୍ଦ୍ର ମିଶ୍ର ଏବଂ ରମେଶ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଶିବିରରେ ମୋଟ ୩୪୨ ଜଣ ପଞ୍ଜିକୃତ ହୋଇଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସା ପରାମର୍ଶ ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବିକାଶ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ରବି ଦାସ, ସମ୍ବଲପୁର ଜିଲା ସଂଯୋଜକ ଚନ୍ଦ୍ର ଶେଖର ପାତ୍ରଙ୍କ ସଂଯୋଜନାରେ ଏହି ଶିବିର ଆୟୋଜିତ ହୋଇଥିଲା। ଚନ୍ଦନ ଦାଶ, ସ୍ୱାଗତ ଘଡ଼େଇ, ଶମ୍ଭୁ କୁଷ୍ଟା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପୁରୁଣାବଲାରଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦିପାଳୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ କୁଇଣ୍ଟାଲ ମହୁଲି ପୋଚ ନଷ୍ଟ କଲା ପୋଲିସ

ନାକଟୀଦେଉଳ,୨୯।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ସାଲେଭଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାବୁତଇଲା ଗ୍ରାମ ଜଙ୍ଗଲରେ ବେଆଇନ ଭାବେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯାଉଥିବା ସମ୍ପର୍କରେ ଖବର ପାଇ ପୋଲିସ ରବିବାର ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସମ୍ପୃକ୍ତ ମଦ ପ୍ରସ୍ତୁତ କାରୀମାନେ ସେଠାରୁ ଖସି ପଳାଇ ଯାଇଥିଲେ। ତେବେ ବାବୁତଇଲା ଗ୍ରାମ ନିକଟ ଜଙ୍ଗଲରେ ଚାଲିଥିବା ଏହି ବେଆଇନ ଦେଶୀ ମଦ ପ୍ରସ୍ତୁତ କାରଖାନାକୁ ଭାଙ୍ଗି ଦେଇଛି ପୋଲିସ। ୪ କୁଇଣ୍ଟାଲ ଦେଶୀ ମହୁଲି ପୋଚ ସହ ମଦ ପ୍ରସ୍ତୁତରେ ବ୍ୟବହୃତ ୪ ଟି ଡ଼େକଚି, ମାଟି ହାଣ୍ଡି ସମେତ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗି ନଷ୍ଟ କରି ଦିଆଯାଇଥିବା ଥାନା ଅଧିକାରୀ ଝାସକେତନ ଭୋଇ କହିଛନ୍ତି। ଏହି ଚଢ଼ାଉରେ ଏସଆଇ ଗଙ୍ଗାଧର ପ୍ରଧାନ, ଜ୍ୟୋତିରଞ୍ଜନ ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଗଡ଼ଜାତ ପ୍ରଜା ଆନ୍ଦୋଳନର ୮୬ ବର୍ଷ ପୂର୍ତ୍ତି ଉତ୍ସବ

**ବଲାଙ୍ଗୀର,୨୯।୯(ବୀରେନ୍ଦ୍ର କୁମାର ଝାଙ୍କର)**


ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ଯୋଗେଶ୍ୱର କୁମୁରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ହାଇସ୍କୁଲ ପଡିଆରେ ଗଡ଼ଜାତ ପ୍ରଜା ଆନ୍ଦୋଳନର ୮୬ ବର୍ଷ ପୂର୍ତ୍ତି ଉତ୍ସବ ରବିବାର ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଯୋଗେଶ୍ୱର କୁମୁରା ସ୍ମୃତି କମିଟି ସଭାପତି ଲୋକନାଥ କୁମୁରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ଐତିହାସିକ ଡ. ଶିବ ପ୍ରସାଦ ନନ୍ଦ, ସଙ୍ଗଠକ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ଚୁଡାପାଲି ଯୁକ୍ତଦୁଇ ସ୍କୁଲ ଅଧ୍ୟକ୍ଷ କିଶୋର କୁମ୍ଭାର, ସ୍ୱାଧୀନତା ସଂଗ୍ରାମୀ ଦାୟାଦ ମାଧୁରୀ କୁମୁରା, ଚନ୍ଦ୍ରିକା କୁମୁରା, ଆଦ୍ୟାଶ କୁମୁରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ତରଣୀସେନ ଭୋଇ ମଞ୍ଚାସୀନ ହୋଇଥିଲେ। ତତ୍କାଳୀନ ପାଟଣା ଷ୍ଟେଟରେ ଅନୁଷ୍ଠିତ ଗଡ଼ଜାତ ପ୍ରଜା ଆନ୍ଦୋଳନର ଅନ୍ୟତମ ସୂତ୍ରଧର ଥିଲେ ଚୁଡାପାଲିର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଯୋଗେଶ୍ୱର କୁମୁରା। ୧୯୩୮ ମସିହା ସେପ୍ଟେମ୍ବର ୨୯ ତାରିଖ ଦିନ ତାଙ୍କ ନେତୃତ୍ୱରେ ଚୁଡାପାଲିଠାରେ ବ୍ରିଟିଶ ସରକାର ଏବଂ ରାଜତନ୍ତ୍ର ବିରୋଧରେ ମହାପ୍ରଜାମେଳି ଅନୁଷ୍ଠିତ ହୋଇଥିଲା। ସେହିଦିନ ଚୁଡାପାଲିରୁ ସହସ୍ରାଧିକ ପ୍ରଜା ହଳଗାଡି ଏବଂ ପାଦରେ ଚାଲି କରି ବଲାଙ୍ଗୀର ସହରକୁ ଆସି ପ୍ରଜାମେଳି କରିଥିଲେ। ସେହିଦିନକୁ ସ୍ମରଣ କରି ଆଜି ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ଡ. ମହାଲିଙ୍ଗ ସ୍ୱର୍ଗତ ଯୋଗେଶ୍ୱର କୁମୁରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଭୂମିକା ଉପରେ କହିଥିଲେ। କମିଟି ସମ୍ପାଦକ ଶରତ ନନ୍ଦ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଚୁଡାପାଲି ହାଇସ୍କୁଲ, ଯୁକ୍ତ ଦୁଇ ସ୍କୁଲ, ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସମାଜିକ କର୍ମୀ ଜୟକୃଷ୍ଣ ମିଶ୍ର, ଲମ୍ବୋଦର ପଟେଲ, ଅକ୍ଷୟ କୁମାର ଘିବେଲା, ସୁଶୀଳ କୁମାର ବେହେରା, ସୁବାସ ନନ୍ଦ, ବିଜୟ କୁମାର ନାହାକ, ରାଜେଶ୍ୱର କୁମୁରା, ରାମକୁମାର କୁମୁରା, ବିଜୟ କୁମାର ମେହେର, ପଙ୍କଜ ମାଲ, ସନ୍ତୋଷ ସାହୁ, ଚମାର ମହାକୁର, ବିଜୟ ମହଲା, ମଦନ ସାହୁ ସହଯୋଗ କରିଥିଲେ। ଶେଷରେ ସୁନିତା ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## 'ରାଣ୍ଡିପୁଅ ଅନନ୍ତା' ଫିଲ୍ମର ଶୁଭ ମହୁରତ


ହରିଶଙ୍କରରେ ଫିଲ୍ମର ଶୁଭ ମହୁରତ କରାଯାଉଛି।

**ଖପ୍ରାଖୋଲ,୨୯।୯(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ କୁମାର ଫିଲ୍ମ ଦ୍ୱାରା ରାଣ୍ଡିପୁଅ ଅନନ୍ତା ଫିଲ୍ମର ଶୁଭ ମହୁରତ ଓ ସୁଟିଂ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରଯୋଜକ ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ଫିଲ୍ମ ହିରୋ ସବ୍ୟସାଚୀ ମିଶ୍ର, ହିରୋଇନ ସୂର୍ଯ୍ୟମୟୀ ମହାପାତ୍ର, କୁନା ତ୍ରିପାଠୀ, ହାସ୍ୟ ଅଭିନେତା ବିନ୍ଦୁ ଉପସ୍ଥିତ ଥିଲେ। ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ଉପସ୍ଥିତ ରହି ହରିଶଙ୍କର ମନ୍ଦିରରେ ପୂଜାପାଠ ସହ ନଡ଼ିଆ ଭାଙ୍ଗି ଫିଲ୍ମର ଶୁଭ ମହୁରତ କରିଥିଲେ। ଗୋପାଳ ପ୍ରଧାନ, ବିପିନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଖପ୍ରାଖୋଲ ଅଞ୍ଚଳରେ ଫିଲ୍ମ ସୁଟିଂ ହେଉଥିବାରୁ ପ୍ରବଳ ଭିଡ଼ ହେଉଛି।

## ପରିବା ବେପାରୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

**ପାଟଣାଗଡ,୨୯।୯(ସଚ୍ଚିଦାନନ୍ଦ ମହାକୁର)**

ରବିବାର ଜଣେ ପରିବା ବେପାରୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବଲାଙ୍ଗୀର ଜିଲା ପାଟଣଗଡ ଥାନା ଗଙ୍ଗସାଗର ଗାଁର ପରିବା ବେପାରୀ ଖଗେଶ୍ୱର ମେହେର ଭୋର ସମୟରେ ସାଇକେଲ ଯୋଗେ ପାଟଣାଗଡ ସାପ୍ତାହିକ ବଜାରକୁ ପନିପରିବା ବିକ୍ରି କରିବା ପାଇଁ ଆସୁଥିଲେ। ଏହି ସମୟରେ ଗଙ୍ଗାସାଗର ଗାଁ ଠାରୁ ଅଳ୍ପ ଦୂରରେ ଥିବା ନବନିର୍ମିତ ଡାକ୍ତରଖାନା ସମ୍ମୁଖରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ସାଇକେଲକୁ ଲାତ ମାରିବାରୁ ଖଗେଶ୍ୱର ତଳେ ପଡ଼ିଯାଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରି ତାଙ୍କ ଠାରୁ ୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟେରାଙ୍କ ଆକ୍ରମଣରେ ଖଗେଶ୍ୱର ଆହତ ହୋଇଛନ୍ତି। ଏନେଇ ମେହେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ରାଏପାଲିରେ ମହୁମାଛି ଆକ୍ରମଣରେ ୩ ଗୁରୁତର



**ଦେଓଗାଁ,୨୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ରବିବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରାଏପାଲି ଗାଁରେ ମହୁମାଛି ଆକ୍ରମଣରେ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସେମାନେ ହେଲେ ରାଏପାଲିର କୈଳାଶ ଘିବେଲା, କେଶବ ଷଡଙ୍ଗୀ ଓ ଚୈତନ୍ୟ ଭଣ୍ଡା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟାରେ ରାସ୍ତା ପାର୍ଶ୍ୱ ଅଶ୍ୱତଥ ଗଛରେ ବସା କରିଥିବା ମହୁମାଛି ହଠାତ୍ ଉଡି ଆସି ଉପରୋକ୍ତ ୩ ଜଣଙ୍କୁ ଆକ୍ରମଣ କରିଥିଲେ।

### ସଙ୍ଗଠନ ମଜଭୁତ କରିବାକୁ ଗୁରୁତ୍ୱ

**ସମ୍ବଲପୁର,୨୯।୯ (ଭବାନୀ ଶଙ୍କର ଭୋଇ)**

ଅନୁସୁଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ପକ୍ଷରୁ ରବିବାର ତପସ୍ୱିନୀ ପ୍ରେକ୍ଷାଳୟରେ ତୃତୀୟ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଧନଞ୍ଜୟ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗ କର୍ମଚାରୀମାନେ ସାମିଲ ହୋଇ ସେମାନଙ୍କ ପଦୋନ୍ନତି କ୍ଷେତ୍ରରେ ଉପୁଜୁଥିବା ସାଧାରଣ ସମସ୍ୟା, ସଙ୍ଗଠନ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଅନନ୍ତ କିଶୋର ମାଝୀ ଦ୍ୱିତୀୟ କାର୍ଯ୍ୟକାରିଣୀରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି କେତେ ମାତ୍ରାରେ କାର୍ଯ୍ୟକାରୀ ହୋଇଛି ସେ ବିଷୟରେ ଆଲୋଚନା କରିଥିଲେ। ସଙ୍ଗଠନ ଓ ସମନ୍ୱୟ ବିଷୟ ଆଲୋଚନା ପ୍ରସଙ୍ଗ ହୋଇଥିଲା। ଯେଉଁ ଜିଲାରେ ସଙ୍ଗଠନ ମଜଭୁତ ହୋଇ ପାରୁନାହିଁ ସେଠାରେ ବିଶେଷ ଭାବେ ଦୃଷ୍ଟି ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନୁସୁଚିତ ଜାତି ଜନଜାତି କର୍ମଚାରୀମାନେ ଯେଉଁ ଅଧିକାର ଏବଂ ସୁବିଧା ପାଇବା କଥା ତାହା ଠିକ୍ ଭାବରେ ପାଇ ପାରୁ ନ ଥିବା ନେଇ ବକ୍ତାମାନେ କହିଥିଲେ। କାର୍ଯ୍ୟକାରୀ ସଭାପତି ଅଜୟ କୁମାର ମାରାଣ୍ଡୀ, ସହକାରୀ ସାଧାରଣ ସମ୍ପାଦକ ସିଦ୍ଧେଶ୍ୱର ବେହେରା, ସଙ୍ଗଠନ ସମ୍ପାଦକ ବରୁଣ ମୁଖୀ, କର୍ମଚାରୀ ସମ୍ପାଦକ ଏସ.ଗିରିଧର, ସାଂସ୍କୃତିକ ସମ୍ପାଦକ ଅକ୍ଷୟ କୁମାର ବେହେରା, ଅର୍ଥ ସମ୍ପାଦକ ସୁପ୍ରିୟା ପ୍ରଧାନ, ସହକାରୀ ସମ୍ପାଦକ ଝରଣାରାଣୀ ସେଠୀ ବୈଠକ ଆୟୋଜନ କରିଥିଲେ। ସମ୍ବଲପୁର ଜିଲା ପାଇଁ ମେଣ୍ଟର ଜିଲା ପରିଷଦ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

## ଶିକ୍ଷା କ୍ଷେତ୍ରରେ ତୃଣମୂଳ ସ୍ତରରୁ ସଙ୍ଗଠିତ ହେବାକୁ ଆହ୍ୱାନ

**ଦେଓଗାଁ,୩୦।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଶିକ୍ଷା ବିଭାଗ ତରଫରୁ ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ କ୍ଷମାନିଧି ଭୋଇ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଅଜିତ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା କ୍ଷେତ୍ରରେ ତୃଣମୂଳ ସ୍ତରରୁ ସଂଗଠିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ଅତିଥିଗଣ ପୁରସ୍କୃତ କରିଥିଲେ। ସେହିପରି ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା କ୍ଲଷ୍ଟରରେ ପ୍ରଧାନ ଶିକ୍ଷକ ରାଧାମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧଣ୍ଡାମାଲ ସରପଞ୍ଚ ସଞ୍ଜୁ ଶିକା, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଥନାପତି ଓ ମୁଖ୍ୟବକ୍ତା ଭାବେ ଧଣ୍ଡାମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଯୋଷୀ ଯୋଗ ଦେଇଥିଲେ। ସିଆରସିସି ସତ୍ୟ ନାରାୟଣ ସେନାପତି ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ଶିକ୍ଷକ ପଞ୍ଚାନନ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଦୟାନିଧି ପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବଡବନ୍ଧ କ୍ଲଷ୍ଟରରେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ଦାଶରଥି ଥନାପତି ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମେହେର ଯୋଗ ଦେଇଥିଲେ। ସିଆରସିସି ଜଗଦୀଶ ପ୍ରଧାନ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ଶିକ୍ଷକ ବିନାୟକ ଥନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟଗୁଡିକର ଶିକ୍ଷୟତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ପର୍ଯ୍ୟଟକଙ୍କୁ ଆକ୍ରମଣ, ବସ୍ ଭଙ୍ଗାରୁଜା: ୪ ଅଟକ

**ଦେବଗଡ଼,୨୯।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡସ୍ଥିତ ପ୍ରଧାନପାଟ ପର୍ଯ୍ୟଟନସ୍ଥଳକୁ ସୁନ୍ଦରଗଡ଼ ଜିଲା ଟୁଣିଆପାଲି(ବଣାଇ) ଅଞ୍ଚଳରୁ ଏକ ପର୍ଯ୍ୟଟକ ଟିମ୍ ଆସିଥିବା ବେଳେ ସ୍ଥାନୀୟ କେତେଜଣ ଯୁବକ ସେମାନଙ୍କୁ ଆକ୍ରମଣ କରିବା ସହ ବସର କାଚ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରି ଦେବଗଡ ପୌରାଞ୍ଚଳର ୪ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ରବିବାର ଦେବଗଡସ୍ଥିତ ପ୍ରଧାନପାଟ ଜଳପ୍ରପାତକୁ ଭୋଜି ପାଇଁ ସୁନ୍ଦରଗଡ ଜିଲା ଟୁଣିଆପାଲି(ବଣାଇ)ସ୍ଥିତ ଗୋଲ ଡ୍ରାଇଭିଂ ଟ୍ରେନିଂ ସେଣ୍ଟରସ୍ଥିତ ଗୋଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡ୍ରାଇଭିଂ ଟ୍ରେନିଂ ଏଣ୍ଡ ରିସର୍ଚ ସୋଶାଇଟିର ବହୁ ସଦସ୍ୟ ଏବଂ ସେମାନଙ୍କ ପରିବାର ସଦସ୍ୟାସଦସ୍ୟ ଅନୁଷ୍ଠାନର ବସ ଯୋଗେ ଦେବଗଡସ୍ଥିତ ପ୍ରଧାନପାଟ ପର୍ଯ୍ୟଟନସ୍ଥଳକୁ ବୁଲିବା ପାଇଁ ଆସିଥିଲେ। ଅପରାହ୍ନ ପ୍ରାୟ ୪ଟାରେ ସେମାନେ ଫେରୁଥିବା ବେଳେ କିଛିବାଟ ଯିବା ପରେ କେତେକଜଣ ଯୁବକ ରାସ୍ତା ଉପରେ ଗାଡି ରଖି ବସ୍ ଅଟକାଇବା ସହ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ବସ ମଧ୍ୟରେ ପଶିଯାଇ ମହିଳାମାନଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ଟଣାଓଟରା କରିବାକୁ ଉଦ୍ୟମ କରିଥିଲେ। ଏହାଦେଖି ଅନ୍ୟମାନେ ସେମାନଙ୍କୁ ଅଟକାଇବାରୁ ଯୁବକମାନେ ସେମାନଙ୍କୁ ମଧ୍ୟ ମାଡ଼ ମରିଥିଲେ। ଏପରିକି ସେମାନେ ବସ(ନଂ.ଓଡି-୧୪ଏବି-୮୭୮୦)ର ଆଗ କାଚ ଓ ସାଇଡ କାଚ ମଧ୍ୟ ଭାଙ୍ଗି ଦେଇଥିଲେ। ଏହା ମଧ୍ୟରେ ଜଣେ ଶିଶୁ କନ୍ୟା, ଜଣେ ମହିଳା ଓ ଅନ୍ୟଜଣେ ପୁରୁଷଙ୍କୁ ଆହତ କରିବା ସହ ସେମାନଙ୍କ ପ୍ୟାଣ୍ଟସାର୍ଟ ଚିରି ଦେଇଥିଲେ। ଏ ନେଇ ସନ୍ଧ୍ୟାରେ ଗୋଲ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପକ୍ଷରୁ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ ପରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇବା ସହ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

## ବିଶ୍ୱ ହୃତ୍‌ପିଣ୍ଡ ଦିବସରେ ୱାକ୍‌ଥନ



ବିକାଶ ହସ୍ପିଟାଲ ଆୟୋଜିତ ୱାକଥନ ପାଇଁ ଅତିଥି ଓ ଛାତ୍ରୀଛାତ୍ର।

**ସମ୍ବଲପୁର,୨୯।୯(ପ୍ରମୋଦ ବହିଦାର)**

**ବିକାଶ ହସ୍ପିଟାଲ ଆୟୋଜିତ କାର୍ଯ୍ୟକ୍ରମରେ ଭାଗନେଲେ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ**

ଅଗ୍ରଣୀ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ସମ୍ବଲପୁର ବିକାଶ ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ଉପଲକ୍ଷେ ରବିବାର ୱାକଥନ ଆୟୋଜିତ ହୋଇଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ସୁନୀଲ ଶର୍ମା ମିଳିତଭାବେ ଅଇଁଠାପାଲି ଛକରେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ୱାକଥନରେ ବିକାଶ ନର୍ସିଂ ସ୍କୁଲ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହିତ ବିକାଶର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଅରୁଣ ପଟୱାରୀ, ହୃଦ୍‌ରୋଗ ବିଶେଷଜ୍ଞ ଡା. ଲକ୍ଷ୍ମୀପ୍ରସାଦ ଦାଶ, ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ଫକୀର ମୋହନ ସାହୁ, ବିତ୍ତ ବିଭାଗ ମୁଖ୍ୟ ଜିତେଶ ଅଗ୍ରୱାଲ, ମାନବସମ୍ବଳ ବିଭାଗ ମୁଖ୍ୟ ଦିଲୀପ ପଣ୍ଡା, ମୁଖ୍ୟ ପ୍ରଶାସନିକ ଅଧିକାରୀ ଡା. ଦିଲୀପ ନନ୍ଦ, ମାର୍କେଟିଂ ବିଭାଗ ମୁଖ୍ୟ ଜ୍ୟୋତିରଞ୍ଜନ ମିଶ୍ର, ଜଗନ୍ନାଥ କଲୋନୀ କ୍ଲବ, ରୋଟାରୀ କ୍ଲବ, ମାରୱାଡ଼ି ଯୁବାମଞ୍ଚ ସଦସ୍ୟ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନାଧର୍ମୀ ପ୍ଲାକାର୍ଡ ଧରି ଅଇଁଠାପାଲିରୁ ବାହାରି ନଗର ପରିକ୍ରମା ପୂର୍ବକ ଜଗନ୍ନାଥ କଲୋନୀରେ ପହଞ୍ଚିଥିଲେ। ଜଗନ୍ନାଥ କଲୋନୀ କ୍ଲବଠାରେ ଡା. ଲକ୍ଷ୍ମୀପ୍ରସାଦ ଦାଶଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକଙ୍କ ନିଃଶୁଳ୍କ ହୃଦ୍‌ରୋଗ ଯାଞ୍ଚ ଓ ପରୀକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୭୮ଜଣ ବରିଷ୍ଠ ନାଗରିକଙ୍କ ଇସିଜି, ରକ୍ତ ସର୍କରା ଓ ରକ୍ତଚାପ ପରୀକ୍ଷଣ କରାଯାଇଥିଲା। ହୃଦ୍‌ରୋଗ ପରୀକ୍ଷଣ ଶିବିର ଆୟୋଜନରେ ଜଗନ୍ନାଥ କଲୋନୀ କ୍ଲବର ଅଶୋକ କୁମାର ରଥ, ବଦ୍ରି ନାରାୟଣ ପୁରୋହିତ, ଅବିନାଶ ନନ୍ଦ, ସୁଶାନ୍ତ ନାଥ, ଅନୁପ ମିଶ୍ର, ବିଜୟ ମିଶ୍ର, ସୁବାଶିଷ ମିଶ୍ର, ସୈଳେନ୍ଦ୍ର ଶତପଥୀ, ଅଜିତ ହୋତା, ସୁବ୍ରତ ମିଶ୍ର, ସରୋଜ ପତି, କ୍ରିଷ୍ଣା ରାଓ, ଅମନ ସାହୁ, ବଜରଙ୍ଗୀ ଭଟ୍ଟାଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ସମ୍ବଲପୁରରେ ସ୍ୱଚ୍ଛତା ପାଇଁ ମିନି ମାରାଥନ



ଅତିଥି ମାନେ ସ୍ୱଚ୍ଛତା ହିଁ ସେବା ବିଷୟରେ ସଚେତନ କରୁଛନ୍ତି।

**ସମ୍ବଲପୁର,୨୯।୯(ଭବାନୀ ଶଙ୍କର ଭୋଇ)**

**ସାମିଲ ହେଲେ ୨୨୨୫ ପ୍ରତିଭାଗୀ**

ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୪କୁ ସଫଳ କରିବା ପାଇଁ ସମ୍ବଲପୁରରେ ରବିବାର ମିନି ମରାଥନ ଆୟୋଜିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସ୍ୱଚ୍ଛ ଓ ସବୁଜ ଭାରତକୁ ପ୍ରୋତ୍ସାହନ ଦେବା ପାଇଁ ଏହି ମିନି ମାରାଥନର ଆୟୋଜନ କରାଯାଇଥିଲା। ସମଲେଇ ମନ୍ଦିର ରିଭରଫ୍ରଣ୍ଟରେ ପଞ୍ଜିକରଣ ପରେ ମିନି ମାରାଥନ ଆରମ୍ଭ ହୋଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ବେଦ ଭୂଷଣ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ମାରାଥନରେ ୨୨୨୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମାରାଥନ ସମଲେଇ ମନ୍ଦିରଠାରୁ କଚେରୀ ଛକ ସ୍ଥିତ ସହିଦ ସ୍ତମ୍ଭ ପର୍ଯ୍ୟନ୍ତ ଯାଇଥିଲା। ମାରାଥନ ପୁରୁଷ ବର୍ଗରେ ଦିବ୍ୟରଞ୍ଜନ ଦାଶ ପ୍ରଥମ, ସରୋଜ ବେହେରା ଦ୍ୱିତୀୟ ଓ ଆକାଶ ମିର୍ଦ୍ଧା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବର୍ଗରେ ନମିତା ଓରାମ ପ୍ରଥମ, ନେତ୍ରୁ କେଓତ ଦ୍ୱିତୀୟ ଓ ଧନମତୀ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅକ୍ଟୋବର ୨ରେ ଭିଏସ୍‌ଏସ୍ୟୁଟିରେ ସ୍ୱଚ୍ଛତା ଫେଷ୍ଟ କାର୍ଯ୍ୟକ୍ରମରେ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବା ଯୋଜନା ରହିଛି। ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ପହିଲା ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା ଅଭିଯାନ ଚାଲିଛି। ଏଥିରେ ସାମୂହିକ ସଫେଇ, ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳିବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ପରିବେଶ ପ୍ରତି ସଚେତନ କରାଯାଉଛି।

## ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ ତାଲିମ ଶିବିର


ଉଦ୍‌ଯାପନୀ ଉତ୍ସବରେ ସମବେତ ଅଂଶଗ୍ରହଣକାରୀ।

**ସମ୍ବଲପୁର,୨୯।୯(ପ୍ରମୋଦ ବହିଦାର)**

ଭିସୁଟ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ଆୟୋଜିତ ଅଖିଳ ଭାରତୀୟ ଶିକ୍ଷା ପରିଷଦର ତାଲିମ ଓ ଶିକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୨୩ତାରିଖରୁ ୨୮ ପର୍ଯ୍ୟନ୍ତ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ଫାକଲ୍ଟିଙ୍କ ଦକ୍ଷତା ବିକାଶ ପାଇଁ ଏମର୍ଜିଂ ଟ୍ରେଣ୍ଡସ୍ ଫର୍ ଆଡଭାନ୍ସ ପ୍ରୋଟେକ୍ସନ୍, କଣ୍ଟ୍ରୋଲ୍ ଆଣ୍ଡ ଏନର୍ଜି ମ୍ୟାନେଜମେଣ୍ଟ ଇନ୍ ମାଇକ୍ରୋ ଗ୍ରୀଡ୍ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅନୁଷ୍ଠିତ ୯ଟି ପୃଥକ ବୈଷୟିକ ଅଧିବେଶନରେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ଅନୁପ କୁମାର ପଣ୍ଡା ଓ ପ୍ରଫେସର ବି.କେ. ମହାନ୍ତି, ଡ. ଜେ.ପ୍ରଧାନ ଓ ଡ. ରାଜୀବ ମିଶ୍ର, କଟକ ଡିଆର୍‌ଆଇଇଏମ୍‌ଏସ୍(ଡ୍ରିମ୍‌ସ୍) ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆର୍.କେ.ହେତା, ଆଇଜିଆଇଟିସାରଙ୍ଗର ଡ. ଆର୍.ବେହେରା, ତାଳଚେର ଏନ୍‌ଟିପିସିର ଶାନ୍ତନୁ ବାହାଲି, ଭିସୁଟ୍ ପ୍ରଫେସର ସିଦ୍ଧାର୍ଥ ପଣ୍ଡା ଓ ଡ. ଆର୍ କେ.ସାମଲ ପ୍ରମୁଖ ବିଶେଷଜ୍ଞମାନେ ଯୋଗଦେଇ ମାଇକ୍ରୋ ଗ୍ରୀଡ୍ ଓ ଏହାର ବିଭିନ୍ନ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ପି.କେ.ସ୍ୱାଇଁ ସୁଖୀ ଓ ଚାପମୁକ୍ତ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ପଞ୍ଚମ ଦିବସରେ ଏକ ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ ସ୍ୱରୂପ ଅଂଶଗ୍ରହଣକାରୀ ଏମ୍‌ସିଏଲ୍ ଆନନ୍ଦ ବିହାର ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସହଯୋଗୀ ଡିନ୍ ପ୍ରଫେସର ଅରବିନ୍ଦ ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା।

## ସଂସ୍କୃତି, ପରମ୍ପରାକୁ ସୁଦୃଢ଼ କରେ ନୂଆଁଖାଇ ଭେଟ୍‌ଘାଟ

**କୁଚିଣ୍ଡା,୨୯।୯(ବିରିଞ୍ଚି ଦର୍କା)**


ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଅନ୍ୟମାନେ।

ସମ୍ବଲପୁର ଜିଲା କୁଚିଣ୍ଡା କଳା ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ରବିବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ନୂଆଁଖାଇ ଭେଟ୍‌ଘାଟ ପଶ୍ଚିମ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ସୁଦୃଢ କରି ମନରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଥାଏ ବୋଲି କହିଥିଲେ। ପଦ୍ମଶ୍ରୀ ମିତ୍ରଭାନୁ ଗୌଣ୍ଟିଆ, ଉପଜିଲାପାଳ ହେମସାଗର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ସଂସ୍କୃତିର ବିଭିନ୍ନ ଦିଗ ଉପରେ କହିଥିଲେ। କୁମାରେଶ ଦଶଭାୟା ସଭା ସଂଯୋଜନା କରିଥିଲେ। କଳାପରିଷଦ କର୍ମକର୍ତ୍ତା ପ୍ରୀତମ ପାଣିଗ୍ରାହୀ, ରାଧେଶ୍ୟାମ କଉଡି, ସୌମ୍ୟରଞ୍ଜନ ଧଳ, ଦୀପକ ମହାନନ୍ଦ, ମଳୟ ବେହେରା, ସୁରଥ ନାୟକ, ପୂର୍ଣ୍ଣେନ୍ଦୁ ମହାନ୍ତି, ଶ୍ରୀକାନ୍ତ ସେଠ, ସୁବ୍ରତ ଶର୍ମା, ମଣିକର ଛତ୍ରିଆ, ବଳରାମ ବାଘ, ଉମାଶଙ୍କର ଦଶଭାୟା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଝିଅପୁଅମାନଙ୍କ ଏକ ରାମ୍ପ ଶୋ ପ୍ରଦର୍ଶିତ ହୋଇଥିଲା। ପରେ ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ କଲେଜ ପକ୍ଷରୁ ମଧ୍ୟ ନୂଆଁଖାଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି, ଅଧ୍ୟାପକ ସୁଧାଂଶୁ ମହାପାତ୍ର, ସଞ୍ଜୁଶ୍ରୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପିକା ବେଲମତି କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

